
ପାକ୍ ଧମକର ଜବାବ ଦେଲା ଭାରତ
ପୃଷ୍ଠା ୫

# ସଂଚାର
THE SANCHAR
Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 103 ଭାଗ ୩୪ | ସଂଖ୍ୟା ୧୦୩ | Saturday 4 July 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୪ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ମାଓବାଦୀଙ୍କ ବଡ଼ ଅସ୍ତ୍ରାଗାର ଠାବ

ବିପୁଳ ଅସ୍ତ୍ରଶସ୍ତ୍ର ଜବତ




**କୋରାପୁଟ,୩।୭(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଥାନା ଅଧୀନସ୍ଥ ତେନ୍ତୁଳିଗୁମ୍ଫା ଜଙ୍ଗଲରେ କୋରାପୁଟ ଡିଭିଏଫ୍ ପକ୍ଷରୁ ଜାରି ରହିଥିବା ସର୍ଚ୍ଚ ଅପରେଶନ ସମୟରେ ମାଓବାଦୀଙ୍କ ଏକ ବଡ଼ ଅସ୍ତ୍ର ଓ ବିସ୍ଫୋରକ ଭଣ୍ଡାର ଠାବ କରାଯାଇଛି। ଏନେଇ ଆଜି ସ୍ଥାନୀୟ ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି।

ଗତ ମାର୍ଚ୍ଚ ପୂର୍ବରୁ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ଗୁଇନ୍ଦା ସୂଚନା ଆଧାରରେ ଏହି ଚଢ଼ାଉ କରାଯାଇଥିଲା। ପୁଲିସ ଜବତ କରିଥିବା ସାମଗ୍ରୀ ମଧ୍ୟରେ ଏକ ଦେଶୀ ରିଭଲଭର, ୬ଟି ଦେଶୀ ବନ୍ଧୁକ, ବିଭିନ୍ନ ଓଜନର ୧୧ଟି ଟିଫିନ୍ ବୋମା ଆଇଇଡି, ୨୦ ମିଟର କୋଡେକ୍ସ ୱେୟାର, ୨୫ଟି ଡିଟୋନେଟର, ୨ଟି କ୍ୟାମେରା ଫ୍ଲାଶ୍ ଲାଇଟ୍, ୫୦ ଗ୍ରାମ ଗନ୍ ପାଉଡର ଓ ୬ ରାଉଣ୍ଡ .୩୮ ବୋର ଗୁଳି ରହିଛି। ପୁଲିସର ସନ୍ଦେହ ଅନୁଯାୟୀ, ଏହି ସାମଗ୍ରୀ ଆନ୍ଧ୍ର-ଓଡ଼ିଶା ସୀମା ସ୍ପେଶାଲ ଜୋନାଲ କମିଟି (ଏଓବିଏସ୍‌ଜେଡ୍‌ସି)ର ମାଓବାଦୀଙ୍କର ଥିଲା ଏବଂ ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ପାଇଁ ଗଚ୍ଛିତ ରଖାଯାଇଥିଲା।

ସୂଚନାଯୋଗ୍ୟ ଯେ ୧୫ ଦିନ ତଳେ ବୈପାରୀଗୁଡ଼ା ବ୍ଲକର ବଦଲିପାହାଡ଼ ଅଞ୍ଚଳରୁ ଇନ୍‌ସାସ ସମେତ ବନ୍ଧୁକ ଓ ବହୁ ବିସ୍ଫୋରକ ଡିଭିଏଫ୍ ଦ୍ୱାରା ଉଦ୍ଧାର ହୋଇଥିଲା। ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଜଙ୍ଗଲ ଅଞ୍ଚଳରେ କୁମ୍ବିଂ ଅପରେସନ ଜାରି ରହିବ ବୋଲି ଏସ୍‌ପି ବର୍ମା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଏସ୍‌ପିଙ୍କ ସହ ଅତିରିକ୍ତ ଏସ୍‌ପି ମନୋଜ ପୂଜାରୀ ଓ ଡିଭିଏଫ୍ ଯବାନ ଉପସ୍ଥିତ ଥିଲେ।

### ଜାପାନୀ ସଂସ୍ଥା ସହ ଐତିହାସିକ ଚୁକ୍ତି କଲେ ରାଜ୍ୟ ସରକାର

# ଗ୍ଲୋବାଲ ଗ୍ରୀନ ହବ୍ ହେବ ଓଡ଼ିଶା




- ଜାପାନୀ ବ୍ୟବସାୟୀ ନେତୃବୃନ୍ଦଙ୍କ ସହ ସହଭାଗିତା
- ଆକ୍ମେ-ଆଇଏଚଆଇ କର୍ପୋରେସନ ସହଯୋଗପତ୍ର ସ୍ୱାକ୍ଷରିତ
- ପାରାଦୀପ ଓ ଗୋପାଳପୁରରେ ହେବ ୩ଟି ପ୍ରକଳ୍ପ
- ୬୭ ହଜାର କୋଟି ଟଙ୍କାର ନିବେଶ ଓ ୭,୬୦୦ ନିଯୁକ୍ତି
- ଶିଳ୍ପ ବିକାଶର ପରବର୍ତ୍ତୀ ଅଧ୍ୟାୟ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ, ଜାପାନୀ ଶିଳ୍ପ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡ଼ିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍'ରେ ପରିଣତ କରାଯିବ।

ଆଜି ଜାପାନର ବିଜିନେସ୍ ଡେଲିଗେଟଙ୍କ ସହ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ପୁଞ୍ଜି ନିବେଶ ସମ୍ପର୍କରେ ବିଶେଷକରି ସବୁଜ ଅର୍ଥନୀତିର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ଆକ୍ମେ ଓ ଆଇଏଚଆଇ କର୍ପୋରେସନ ସହ ଏକ ସହଯୋଗପତ୍ର ବା ମେମୋରାଣ୍ଡମ ଅଫ କୋଅପରେସନ (ଏମଓସି) ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ। ଏହି ସହଯୋଗ ଦ୍ୱାରା ଟେକ୍ନୋଲୋଜି ଟ୍ରାନ୍ସଫର, ପରିବେଶ ଅନୁକୂଳ ଦୀର୍ଘସ୍ଥାୟୀ ଶିଳ୍ପାୟନ ସହ ଓଡ଼ିଶାରେ ବ୍ୟାପକ ନିଯୁକ୍ତି ଓ ଅର୍ଥନୈତିକ ସୁଯୋଗ ସୃଷ୍ଟି ହେବ। ଏହି ଦୁଇଟି କମ୍ପାନୀ ଆକ୍ମେ ଓ ଆଇଏଚଆଇ ଓଡ଼ିଶାରେ ୩ଟି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଏହାର ସମୁଦାୟ ନିବେଶ ମୂଲ୍ୟ ପ୍ରାୟ ୬୭ ହଜାର କୋଟି ଟଙ୍କା ଏବଂ ଏହା ଦ୍ୱାରା ୭,୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି ପ୍ରକଳ୍ପଗୁଡ଼ିକ ହେଲା, ଗୋପାଳପୁରରେ ୦.୪ ନିୟୁତ ଟନ କ୍ଷମତାବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ। ଏଥିରେ ୨୦ ହଜାର କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ। ଏଥିସହ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟିବିହୀନ ଫ୍ଲୋଟିଂ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ। ଏହା ସହ ପାରାଦୀପରେ ୩୪ ହଜାର କୋଟି ଟଙ୍କା ବିନିଯୋଗରେ ୦.୮ ନିୟୁତ ଟନ କ୍ଷମତାବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ। ତୃତୀୟ ପ୍ରକଳ୍ପଟି ହେଉଛି, ୧୨ ହଜାର କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ନିୟୁତ ଟନ କ୍ଷମତାବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ, ଯାହାଦ୍ୱାରା ୬୦୦ ନିଯୁକ୍ତି ସୃଷ୍ଟି ହେବ।

ଏହି ଅବସରରେ ଦେଶର ଅନ୍ୟତମ ବୃହତ୍ତମ ଗ୍ରୀନ୍ ହାଇଡ୍ରୋଜେନ୍ ଇକୋସିଷ୍ଟମ ପ୍ରତିଷ୍ଠା ନେଇ ଓଡ଼ିଶାର ଦୂରଦୃଷ୍ଟି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି। ଗତକାଲି ମଧ୍ୟପ୍ରାଚ୍ୟର ନିବେଶକଙ୍କ ସହ ୧୧ ବିଲିୟନ ଡଲାରର ଚୁକ୍ତି ପରେ ଆଜି ଦୂର ପ୍ରାଚ୍ୟ ବନ୍ଧୁ ଜାପାନ ସହ ହୋଇଥିବା ଏହି ସହଭାଗିତା ରାଜ୍ୟର ଶିଳ୍ପ କ୍ଷେତ୍ରକୁ ଆହୁରି ଉଜ୍ଜ୍ୱଳ କରିଛି। ଓଡ଼ିଶା ଅଦ୍ୟାବଧି ୧୨ଟି ପ୍ରମୁଖ ଗ୍ରୀନ୍ ➪ପୃଷ୍ଠା-୬

### ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା

## ୧୦ ବରିଷ୍ଠ ଅଧିକାରୀ ପର୍ଯ୍ୟବେକ୍ଷକ

- ଅତି କମ୍‌ରେ ୩ ଥର ଜିଲ୍ଲା ଗସ୍ତ କରିବେ
- ତାଲିକାରୁ ବାଦ ପଡ଼ିବେନି ଯୋଗ୍ୟ ; ସାମିଲ ହେବେନି ଅଯୋଗ୍ୟ




**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଓଡ଼ିଶାର ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ପାଇଁ ଗତ ୧କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଏହି ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ପର୍ଯ୍ୟବେକ୍ଷକ, ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ, ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂହଙ୍କୁ କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ➪ପୃଷ୍ଠା-୬

## ଆଜି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଡାକ୍ତରଙ୍କ ଆଲୋଚନା



**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ମେଡିକାଲରେ ଅଚଳାବସ୍ଥା ଦୂର କରିବା ପାଇଁ ରାଜ୍ୟ ସରକାର ଶୁକ୍ରବାର ଓଡ଼ିଶା ଡାକ୍ତରୀ ସେବା ସଂଘ (ଓମ୍‌ସା)କୁ ଆଲୋଚନା ପାଇଁ ନିମନ୍ତ୍ରଣ କରିଛନ୍ତି। ରାଜ୍ୟରେ ଚାଲିଥିବା ଡାକ୍ତରଙ୍କ ଧର୍ମଘଟ ଓ ସ୍ୱାସ୍ଥ୍ୟସେବା ସେବାକୁ ପ୍ରଭାବିତ କରୁଥିବା ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବେ ସ୍ୱାସ୍ଥ୍ୟମନ୍ତ୍ରୀ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏନେଇ ଏକ ସୂଚନା ଜାରି କରି କହିଛି ଯେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଓମ୍‌ସାର କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ମଧ୍ୟରେ ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୧ଟାରେ ଏକ ବୈଠକ ସ୍ଥିର କରାଯାଇଛି। ଏହି ବୈଠକ ଭୁବନେଶ୍ୱରସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହେବ। ସରକାରୀ ଚିଠି ଅନୁଯାୟୀ, ଓମ୍‌ସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଓ ରାଜ୍ୟ ସାଧାରଣ ସମ୍ପାଦକ ଡାକ୍ତର ସଞ୍ଜିବ କୁମାର ପ୍ରଧାନଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ କରାଯାଇଛି। ଉଭୟଙ୍କୁ ବୈଠକରେ ଯୋଗଦେବାକୁ ନିବେଦନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ଚିଠି ରାଜ୍ୟ ସରକାରଙ୍କ ଆନ୍ଦୋଳନକାରୀ ଡାକ୍ତର ସଂଘ ସହ ଆଲୋଚନା କରି ସେମାନଙ୍କ ଦାବିର ସମାଧାନ ଓ ଏକ ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ଖୋଜିବା ପାଇଁ କରାଯାଉଛି।

## ୫୨ ହଜାର କୋଟିର ପ୍ରତିରକ୍ଷା କ୍ରୟକୁ ଅନୁମୋଦନ

**ନୂଆଦିଲ୍ଲୀ,୩।୭:** କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବସିଥିବା ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଶୁକ୍ରବାର ସଶସ୍ତ୍ର ବାହିନୀର କ୍ଷମତା ବୃଦ୍ଧି ପାଇଁ ୫୨ ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ଓ ସାମରିକ ସିଷ୍ଟମ୍ କିଣିବା ଲାଗି ମଞ୍ଜୁରୀ ପ୍ରଦାନ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଭାରତର ସର୍ବୋଚ୍ଚ ପ୍ରତିରକ୍ଷା କ୍ରୟସଂସ୍ଥା ପରିଷଦ ଦ୍ୱାରା ଅନୁମୋଦିତ ଏହି ଅସ୍ତ୍ର-କ୍ଷମତା-ବୃଦ୍ଧିକାରୀ ଆର୍ଥିକ ଯୋଜନାରେ ବିଭିନ୍ନ ପ୍ରକାରର ସିଷ୍ଟମ୍ କିଣାଯିବାର ପ୍ରାବଧାନ ରହିଛି। ସେଥିମଧ୍ୟରେ ମାନବ ବିରୋଧୀ ବାୟୁଯାନ (ୟୁଏଭି), ବୈଦ୍ୟୁତିକ ଯୁଦ୍ଧ ପ୍ରଣାଳୀ ଆକାଶ ତରଙ୍ଗ, ମଣିଷ ଦ୍ୱାରା ପରିବାହିତ ଆଣ୍ଟିଟ୍ୟାଙ୍କ ଗାଇଡେଡ କ୍ଷେପଣାସ୍ତ୍ର ପ୍ରଣାଳୀଠାରୁ ଆରମ୍ଭ କରି ମଧ୍ୟମ-ଦୂରଗାମୀ ଭୂପୃଷ୍ଠରୁ ଆକାଶମାର୍ଗକୁ ପ୍ରକ୍ଷେପିତ ଯୋଗ୍ୟ କ୍ଷେପଣାସ୍ତ୍ର ସାମିଲ।

## ଖାଇକୁ ଖସିଲା ବସ୍, ୪୦ ମୃତ

**ଇସଲାମାବାଦ,୩।୭:** ପାକିସ୍ତାନର ଦକ୍ଷିଣ-ପଶ୍ଚିମରେ କ୍ୱେଟାରୁ ପେଶାୱାର ଯାଉଥିବା ଏକ ବସ୍ ଏକ ଗଭୀର ଖାତକୁ ଖସିପଡ଼ିବାରୁ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ୧୬ରୁ ଅଧିକ ଆହତ ହୋଇଛନ୍ତି। ପାକିସ୍ତାନର ବାଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱା ପ୍ରଦେଶର ସୀମା ମଧ୍ୟସ୍ଥ ଦାନା ସାର ପାର୍ବତ୍ୟ ଶୃଙ୍ଖଳାରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଛି। ବସରେ ଆବଶ୍ୟକତାଠାରୁ ଅଧିକ ଭିଡ଼ଥିଲା। ଏହା ପାଖାପାଖି ୭୦ରୁ ୮୦ ଫୁଟ ତଳକୁ ଖସି ପଡ଼ିଥିଲା ବୋଲି ଝୁବ୍ ଜିଲ୍ଲାର ଜରୁରୀକାଳୀନ ସେବା ମୁଖ୍ୟ ସାନାଉଲ୍ଲାହ ଶେରାନି ସୂଚନା ଦେଇଛନ୍ତି। ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ଏହି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି।

## ପାକିସ୍ତାନର ଖାତିର୍ କେବଳ ପରମାଣୁ ପାଇଁ

**ସିଙ୍ଗାପୁର, ୩।୭:** ଯଦି ପାକିସ୍ତାନ ପାଖରେ ପରମାଣୁ ବୋମା ନଥାନ୍ତା, ତା'ହେଲେ ଏହାକୁ କେହି ପଚାରି ନଥାନ୍ତେ ବୋଲି କହିଛନ୍ତି ସିଙ୍ଗାପୁରର ପୂର୍ବତନ କୂଟନୀତିଜ୍ଞ ବିଲହାରି କୌସିକନ। ଇଣ୍ଟରନ୍ୟାସନାଲ ରିପୋର୍ଟିଂ ଫେଲୋସିପରେ ସାମ୍ବାଦିକଙ୍କ ସହ ବାର୍ତ୍ତାଳାପ ବେଳେ ସେ କହିଛନ୍ତି ଯେ, ପାକିସ୍ତାନର ପ୍ରକୃତ ସମସ୍ୟା ଭାରତ ନୁହେଁ। ଏହାର ପ୍ରକୃତ ସମସ୍ୟା ହେଉଛି ସାମରିକ ଶକ୍ତି ଓ ରାଜନେତା। ଆମେରିକାର ବନ୍ଧୁତା ପାକିସ୍ତାନକୁ ରକ୍ଷା କରିପାରିବ ନାହିଁ ବୋଲି ସେ କହିଛନ୍ତି।



## ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ

### ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ 'ସମୃଦ୍ଧ ଓଡ଼ିଶା' ଆଲୋଚନା

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଦିନିକିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଫେରିଛନ୍ତି। ଗତକାଲି ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାର ପ୍ରଗତି, ସମୃଦ୍ଧ ଓଡ଼ିଶା ଗଠନ ନେଇ ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନଙ୍କ ସହ ସକାରାତ୍ମକ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୁରୁବାର ଆଲୋଚନା ପରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଆସିଛନ୍ତି। ଏହି ଅବସରରେ ଓଡ଼ିଶାର ପ୍ରଗତି, ସାଙ୍ଗଠନିକ ସୁଦୃଢ଼ୀକରଣ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଅତ୍ୟନ୍ତ ସକାରାତ୍ମକ ➪ପୃଷ୍ଠା-୬

### ବଙ୍ଗୋପସାଗରରେ ଘନଉଛି ଲଘୁଚାପ

## ୬ ପର୍ଯ୍ୟନ୍ତ ଭୀଷଣ ବର୍ଷା



- ସତର୍କ କରାଇଲା ଆଇଏମ୍‌ଡି
- ଅଗ୍ନିଶମ ବିଭାଗ ପ୍ରସ୍ତୁତ

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହିପରି ସ୍ଥିତି ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରହିବ ବୋଲି ଆଜି ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏପରିକି ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବର୍ଷା ଆହୁରି ଅଧିକ ହେବ। କାରଣ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଘନୀଭୂତ ହେବାରେ ଲାଗିଛି। ଏହି କାରଣରୁ ଗତ କିଛି ଦିନ ହେଲା ରାଜ୍ୟରେ ବର୍ଷା ଜାରି ରହିଛି। ବିଶେଷକରି ଗତକାଲି ସର୍ବାଧିକ ବର୍ଷା ହୋଇଛି। ତେବେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଓ ଉତ୍ତରାଞ୍ଚଳ ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି କାରଣରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୯ଟି ଜିଲ୍ଲାକୁ ଅରେଞ୍ଜ୍ ➪ପୃଷ୍ଠା-୬

## ଚମକିବ ଶ୍ରୀଜୀଉଙ୍କ ଜନ୍ମବେଦୀ

- ନୂଆ ରୂପ ପାଇଛି ଉତ୍ତରଦ୍ୱାର ଗୁମୁଟ
- ନାଟମଣ୍ଡପରୁ କଳାହାଟ ଦ୍ୱାର ଯାଏଁ ପଡ଼ିଛି ନୂଆ ପଥର
- ଶରଧାବାଲିରେ ସଭାସମିତିକୁ ବାରଣ



**ପୁରୀ,୩।୭ (ସଂଚାର ବ୍ୟୁରୋ):** ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାକୁ ମଝିରେ ରହିଲା ଆଉ ମାତ୍ର ୧୨ ଦିନ। ରତ୍ନବେଦୀରୁ ବାହାରି ଜନ୍ମବେଦୀ ଆଡ଼ପ ମଣ୍ଡପକୁ ବିଜେ କରିବେ ଶ୍ରୀଜୀଉ। ତା' ଆଗରୁ ଗୁଣ୍ଡିଚା ମନ୍ଦିରର ଚାଲିଛି ନବୀକରଣ କାର୍ଯ୍ୟ। କହିବାକୁ ଗଲେ, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏକପ୍ରକାର ଶେଷ ପର୍ଯ୍ୟାୟରେ। ଉତ୍ତରଦ୍ୱାର ଗୁମୁଟର ଭିତର ଓ ବାହାରେ ଖଣ୍ଡୋଲାଇଟ୍ ପଥର ଲଗାଯିବା ସହ ନବୀକରଣ କରାଯାଇଛି। ସେହିପରି ବିଜେରାସ୍ତା, ଭିତର ଚକଡ଼ା, ଜଗମୋହନ-ନାଟମଣ୍ଡପରେ ନୂଆ ପଥର ସାଙ୍ଗକୁ ଏସି ଲଗାଯାଇଛି। ଦୀର୍ଘବର୍ଷ ପରେ ଗୁଣ୍ଡିଚା ମନ୍ଦିରର ନବକଳେବର ହେଉଥିବାରୁ ବିଭିନ୍ନ ବର୍ଗରେ ବଢ଼ିଛି ଉତ୍କଣ୍ଠା।

ଭାଇଭଉଣୀଙ୍କ ସହ ରତ୍ନବେଦୀରୁ ଓହ୍ଲାଇ ଜନ୍ମବେଦୀରେ କରିବେ ଲୀଳାଖେଳା ମହାପ୍ରଭୁ। ଆଡ଼ପ ମଣ୍ଡପରେ ବିଜେ ସମୟରେ ଉଚ୍ଛୁଳି ପଡ଼ିବ ଶରଧାବାଲି। ତେଣୁ ଏବେଠୁ ଶ୍ରୀଗୁଣ୍ଡିଚା ମନ୍ଦିର ଚଳଚଞ୍ଚଳ। ନୂଆ ରୂପରେ ସଜେଇ ହେଉଛି ଜନ୍ମବେଦୀ। ସରିଆସୁଛି ନବୀକରଣ ସହ ସୌନ୍ଦର୍ଯ୍ୟକରଣର କାର୍ଯ୍ୟ। ଗୁଣ୍ଡିଚା ମନ୍ଦିରର ଚାରିପାଖରେ ପାଚେରିର ମରାମତି କରାଯିବା ସହ ଏଥିରେ ଖଣ୍ଡୋଲାଇଟ୍ ପଥର ଖଞ୍ଜାଯିବ। ସବୁଠୁ ଆକର୍ଷଣୀୟ ରୂପ ଧାରଣ କରୁଛି ଉତ୍ତରଦ୍ୱାର ଗୁମୁଟ।

ପୂର୍ବ ଅପେକ୍ଷା ଗୁମୁଟର ସମ୍ପ୍ରସାରଣ ସହ ମନ୍ଦିର ଢାଞ୍ଚାରେ ସମ୍ପୂର୍ଣ୍ଣ ନୂଆ ରୂପ ଦିଆଯାଉଛି। କେବଳ ଏତିକି ନୁହେଁ, ଭିତର ବେଢ଼ାରେ ବି କରାଯାଇଛି ଅନେକ ପଥରର ପରିବର୍ତ୍ତନ। ନାଟମଣ୍ଡପଠାରୁ କଳାହାଟ ଦ୍ୱାର ଯାଏଁ ବିଛାଯାଇଛି ନୂଆ ପଥର। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଶା ରଖିଛନ୍ତି, ଘୋଷଯାତ୍ରା ପୂର୍ବରୁ ସବୁ କାର୍ଯ୍ୟ ସରିଯିବ। ମନ୍ଦିରର ଜଗମୋହନଠାରୁ ➪ପୃଷ୍ଠା-୬



### କାନ ଡେରିଥା

ଓଡ଼ିଆ ଭାଷାକୁ କହି ନପାରି ସେ
ହୋଇଥିଲେ ବଡ଼ ନେତା
ତାଙ୍କୁ ଛୁଇଁବାଟା ବହୁ ଦୂରେ
ଥିଲା
ଦିଶୁ ବି ନଥିଲା ଜୋତା
ତାଙ୍କୁ ନେତା ଥିଲେ ପିତା...
ସତ କଥା ଯଦି କହିଦେବ ଏଠି
କହିଦେବେ ପାଦଚଟା।

■ ଦେବାଶିଷ

# ଆଗାମୀ ଲଢ଼େଇ ପାଇଁ ପରିବର୍ତ୍ତିତ ରଣନୀତି



- ବିଜେପିର ଏକାଧିକ ଯୋଜନା
- ବିଜେଡିର ନୂଆ ଗଣିତ
- କଂଗ୍ରେସକୁ ପ୍ରଭାରୀ ଭରସା

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଆସନ ଦଖଲ ପାଇଁ ଏବେଠାରୁ ରାଜ୍ୟର ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଗଲାଣି। ତୃଣମୂଳ ସ୍ତରର ରାଜନୀତିକୁ ମଜବୁତ କରି ପୌର ଓ ଏହାପରେ ପରେ ସାଧାରଣ ନିର୍ବାଚନ ଲଢ଼ିବାକୁ ଥିବାରୁ ରାଜନୈତିକଗୁଡ଼ିକ ରଣନୀତି ପ୍ରସ୍ତୁତ କରିବାରେ ବ୍ୟସ୍ତ।

ପଞ୍ଚାୟତ ପାଇଁ ରଣନୀତି ପ୍ରସ୍ତୁତ କରିବାରେ କେହି ଯେଭଳି ପଛରେ ନପଡ଼ନ୍ତି, ସେଥିପାଇଁ ଏବେଠାରୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶାସକ ବିଜେପି ତା'ର ଫ୍ଲାଗସିପ ଯୋଜନା ସୁଭଦ୍ରାକୁ ଅଧିକ ଲୋକାଭିମୁଖୀ କରିଥିବା ବେଳେ ଲକ୍ଷ୍ମୀପୁରାଣ ଜରିଆରେ ଘରେ ଘରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଏହାଛଡ଼ା ମନ୍ତ୍ରିମଣ୍ଡଳ ଅଦଳବଦଳ ଓ ନିଗମ ନିଯୁକ୍ତି ଖୁବ୍‌ଶୀଘ୍ର ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେବା ପରେ ବିଜେପି ତା'ର ସଂଗଠନକୁ ସୁଦୃଢ଼ କରିବା ପାଇଁ ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରୁଥିବାର ଆଭାସ ମିଳିଛି।

ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି ମଧ୍ୟ ପଞ୍ଚାୟତକୁ ନଜରରେ ରଖି କାର୍ଯ୍ୟ ଆରମ୍ଭ କରିଛି। ଦଳରେ ସୁଜାତା ରାଉତଙ୍କ ଯୋଗଦାନ ପରେ ବିଜେଡି ନୂଆ ଗଣିତ କଷୁଥିବା ଲକ୍ଷ୍ୟ କରାଯାଉଛି। ଅସନ୍ତୁଷ୍ଟମାନଙ୍କୁ ଗୁରୁତ୍ୱ ଦେବା ବଦଳରେ ଦଳ ସେମାନଙ୍କୁ ଦୂରେଇବା ସହ ନୂଆ ଚେହେରାଙ୍କୁ ନେଇ ମଇଦାନକୁ ଓହ୍ଲାଇବାର ରଣନୀତି ଆପଣେଇବ ବୋଲି ସୂଚନା ମିଳିଛି। ସୁଜାତାଙ୍କ ଜରିଆରେ ମହିଳା ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଦଳ କ୍ଷେତ୍ର ପ୍ରସ୍ତୁତ କରୁଥିବା ବେଳେ ଓଡ଼ିଆ ଅସ୍ମିତା ଡାକରାକୁ ମଧ୍ୟ ନିଜ ପଟକୁ ଆଣିବାକୁ ଲାଗିପଡ଼ିଛି। ତେବେ କଂଗ୍ରେସର ଭରସା କିନ୍ତୁ ହେଉଛନ୍ତି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଲାଲାଜୀ ଦେଶାଇ। ରାଜ୍ୟସଭା ନିର୍ବାଚନ ପରେ ଦଳରେ ଚାଲିଥିବା ଉଗ୍ର ଗୋଷ୍ଠୀ କନ୍ଦଳକୁ ପ୍ରତିହତ କରି ସମସ୍ତଙ୍କୁ ଏକଜୁଟ କରିବା ପାଇଁ ଲାଲାଜୀ ରାଜ୍ୟରେ ପହଞ୍ଚିବା ପରଠାରୁ ଲାଗି ପଡ଼ିଛନ୍ତି। ରାଜ୍ୟରେ ଦଳକୁ କ୍ଷମତାକୁ ଆଣିବାକୁ ହେଲେ ତୁରନ୍ତ ୱାର୍ଡସ୍ତରୀୟ କମିଟି ଗଠନ କରିବାକୁ କହିଛନ୍ତି ସେ। ଲାଲାଜୀ କଂଗ୍ରେସର ଜଣେ ଉଚ୍ଚକୋଟୀର ସଂଗଠକ ହୋଇଥିବାରୁ ତାଙ୍କର ଦକ୍ଷତା ଓ ରଣନୀତି ବଳରେ କଂଗ୍ରେସ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି କର୍ମୀମାନେ ଏବେଠାରୁ ଆଶା ବାନ୍ଧିଲେଣି।

ତେବେ ରାଜ୍ୟ ରାଜନୀତିରେ ନେତାମାନଙ୍କର ଦଳଡିଆଁ, ଦଳରେ ନୂଆ ଚେହେରାଙ୍କ ଆବିର୍ଭାବ, ପୁସ୍ତକ ପ୍ରକାଶନରେ ତ୍ରୁଟି ଭଳି ପ୍ରସଙ୍ଗ ଯୋଗୁଁ ଯେଭଳି ଦ୍ରୁତ ପରିବର୍ତ୍ତନ ଘଟୁଛି, ସେଥିରେ ପଞ୍ଚାୟତ ନିର୍ବାଚନ ପାଇଁ ବାରମ୍ବାର ରଣନୀତି ବଦଳାଇବାକୁ ପଡ଼ିବ ବୋଲି ନେତାମାନେ ମତ ଦେଉଛନ୍ତି। କିନ୍ତୁ ଆସନ୍ତା ପଞ୍ଚାୟତ ନିର୍ବାଚନ ଯେ ତିନି ଦଳ ପାଇଁ ଅଗ୍ନି ପରୀକ୍ଷା ତାହା ବି ସ୍ୱୀକାର କରୁଛନ୍ତି। ତେଣୁ ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ପରେ ଅସଲ ରାଜନୀତି ଆରମ୍ଭ ହେବ ଓ ଫଳାଫଳ ରାଜ୍ୟ ରାଜନୀତିରେ ଅନେକ କିଛି ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର



କଟକ,୩।୭(ସଂଚାର ବ୍ୟୁରୋ)ଃଖ୍ରୀଷ୍ଟ କଲିଜିଏଟ୍ ସ୍କୁଲର ଐତିହ୍ୟ, ଶିକ୍ଷାନୁଷ୍ଠାନର ଅଧିକାର, ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷା ସଂରକ୍ଷଣ ସହ ପାଠ୍ୟପୁସ୍ତକରେ ଥିବା ତ୍ରୁଟିର ସଂଶୋଧନ ଦାବିରେ କଟକ ନଗର(ଜିଲ୍ଲା)କଂଗ୍ରେସ ପକ୍ଷରୁ ସଭାପତି ବିପ୍ଲବ ଶିଳାଦିତ୍ୟଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟର ପରିସରକୁ ବେସରକାରୀ ଶିକ୍ଷାନୁଷ୍ଠାନକୁ ଲିଜ୍ ସୂତ୍ରରେ ଦିଆଯିବା ଘଟଣା ସାଧାରଣରେ ଉଦବେଗ ସୃଷ୍ଟି କରିଛି। ଏଥିସହ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକର ଛାପା ବାବଦକୁ ଯେଉଁ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇଛି ତାହାକୁ କିଏ ଭରଣା କରିବ ବୋଲି ଯୁବ କଂଗ୍ରେସ ପ୍ରଶ୍ନ କରିଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ଏସ୍‌ସିବିରେ କୃତ୍ରିମ ବନ୍ୟା ପରିସ୍ଥିତି

କଟକ, ୩।୭(ସଂଚାର ବ୍ୟୁରୋ)ଃସାରା ରାଜ୍ୟରେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁ କଟକ ବଡ଼ ମେଡିକାଲ ପରିସରରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ମେଡିକାଲର ବିଭିନ୍ନ ଅଞ୍ଚଳରେ ବର୍ଷା ପାଣି ଜମା ହୋଇ ରହିଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କିଛି ୱାର୍ଡ ଓ ରାସ୍ତାରେ ପାଣି ଜମିଥିବାରୁ ଯାତାୟାତ ବ୍ୟାହତ ହୋଇଛି। ଡ୍ରେନ ସଫା ହୋଇ ନଥିବାରୁ ବର୍ଷା ପାଣି ସଠିକ ଭାବେ ନିଷ୍କାସନ ହେଉନାହିଁ। ଫଳରେ ମେଡିକାଲ ପରିସରରେ ଜଳବନ୍ଦୀ ପରିସ୍ଥିତି ବା କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରୋଗୀମାନେ ଚିକିତ୍ସା ସେବା ସହ ଦୈନନ୍ଦିନ ଯାତାୟାତରେ ମଧ୍ୟ କଷ୍ଟଭୋଗୁଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର ଡ୍ରେନ୍ ସଫାଇ ଓ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି କରାଯାଉଛି।

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା



କଟକ,୩।୭(ସଂଚାର ବ୍ୟୁରୋ)ଃଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଏକାଡେମୀର ସ୍ୱନକ୍ଷତ୍ର ଦିବସ -୨୦୨୬ ଅବସରରେ ଶୁକ୍ରବାର ସ୍ୱରାଜ ଆଶ୍ରମଠାରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତି ଓ ସାହିତ୍ୟ ସମ୍ପର୍କୀତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ତଥା କଟକ ମହାନଗର ନିଗମ ଅଞ୍ଚଳର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ବରିଷ୍ଠ ଓ କନିଷ୍ଠ ବର୍ଗରେ ଭାଗ ନେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରାଙ୍କ ସମେତ ବିଚାରକ ଭାବେ ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ରାଜୀବ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

## ସୌଭିକଙ୍କ ନାଁରେ ହତ୍ୟା ଅଭିଯୋଗ ମିଥ୍ୟା



କଟକ, ୩।୭(ସଂଚାର ବ୍ୟୁରୋ)ଃଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ବିରୋଧରେ ବାଦାମବାଡି ଥାନାରେ ହୋଇଥିବା ହତ୍ୟାଧମକ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଶଙ୍ଖ ଭବନ ନିର୍ଦ୍ଦେଶନାରେ ଏଭଳି କାର୍ଯ୍ୟ ହେଉଛି ବୋଲି ଶୁକ୍ରବାର ମହାନଦୀବିହାରସ୍ଥିତ ରିଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପରେ ଓଡିଶା କ୍ରାନ୍ତି ମଞ୍ଚ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ ସଭାପତି ଅକ୍ଷୟ ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ତାପସ ମହାନ୍ତି ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ତାଙ୍କୁ ଧମକ ଦେଇଥିଲେ ବୋଲି ଗୁରୁବାର ବାଦାମବାଡି ଥାନାରେ ଅଭିଯୋଗ କରାଯାଇଥିଲା। ଶୁକ୍ରବାର ଓଡିଶା କ୍ରାନ୍ତି ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେହି ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି। ତାପସ ମହାନ୍ତିଙ୍କ ପାଇଁ ବିଜେଡି ବଦନାମ ହେଉଛି ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଯେଉଁଦିନ ଘଟଣା ଘଟିଲା ସେଦିନ କାହିଁକି ଅଭିଯୋଗ କରାଗଲା ନାହିଁ ବୋଲି ମଞ୍ଚର ସଦସ୍ୟା ପୁଷ୍ପଲତା ସାହୁ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଦିଲ୍ଲୀପ ଜେନା, ସଦସ୍ୟ ଶୁଭାଶିଷ ରାଉତରାୟ ଓ ସୁଧାଂଶୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭୂସ୍ଖଳନ ମୁକାବିଲା ପାଇଁ ରଣନୀତି କରୁଛି ଓଡ଼ିଶା



■ ଉତ୍ତର-ପୂର୍ବ ରାଜ୍ୟ ମଡେଲକୁ ଅନୁଶୀଳନ କରୁଛନ୍ତି ସରକାର
■ ସହରାଞ୍ଚଳରେ କୃତ୍ରିମ ବନ୍ୟାର ସ୍ଥାୟୀ ସମାଧାନକୁ ଗୁରୁତ୍ୱ
■ ୨୬ଟି ଉପକୂଳବର୍ତ୍ତୀ ଗ୍ରାମ ସୁନାମୀ-ପ୍ରସ୍ତୁତ ଗ୍ରାମ ଘୋଷିତ

ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ)ଃ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବନ୍ୟା ତଥା ବର୍ଷାଜଳ ପରିଚାଳନା ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଉନ୍ନତ ବୈଷୟିକ କାର୍ଯ୍ୟପ୍ରଣାଳୀ ଓ ସମୁଦାୟଭିତ୍ତିକ ସଚେତନତା ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନ କ୍ଷମତା ବୃଦ୍ଧି ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ସହରାଞ୍ଚଳରେ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତିର ପରିଚାଳନା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଓ ଆଇଆଇଟି ରୁର୍କୀ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏମଓୟୁ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଏ ସଂକ୍ରାନ୍ତରେ ଆଇଆଇଟି ରୁର୍କୀ ପକ୍ଷରୁ ପ୍ରସ୍ତୁତ ଡିପିଆର୍ ପ୍ରଦର୍ଶିତ ହୋଇଥିଲା। ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗ ସହ ସମନ୍ୱୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ଟି ସହରାଞ୍ଚଳର ତାଲିକା କରି ସହରାଞ୍ଚଳ ବନ୍ୟା ପରିଚାଳନା ଓ ବର୍ଷାଜଳ ନିଷ୍କାସନ ଦିଗରେ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବା ନେଇ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ଓ ଅନ୍ୟ ସହରମାନଙ୍କରେ ବର୍ଷାଜଳ ଡ୍ରେନେଜ ବ୍ୟବସ୍ଥାର ସୁପରିଚାଳନା ଦ୍ୱାରା ବର୍ଷାଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେହିପରି ଅଦ୍ୟାବଧି ସମୁଦ୍ରତଟବର୍ତ୍ତୀ ୩୮୧ଟି ସୁନାମୀପ୍ରବଣ ଗ୍ରାମ ଚିହ୍ନଟ କରି ଆଇଓସି-ୟୁନେସ୍କୋ ଦ୍ୱାରା ରାଜ୍ୟର ୨୬ଟି ଗ୍ରାମକୁ ସୁନାମୀ-ପ୍ରସ୍ତୁତ ଗ୍ରାମ ଭାବେ ଘୋଷଣା କରାଯାଇଛି। ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା) ସୁନାମୀ ପରିଚାଳନା ଓ ପୂର୍ବ ସତର୍କ ସୂଚନା ବ୍ୟବସ୍ଥାର ଆଧୁନିକୀକରଣ ନିମନ୍ତେ ହାଇଦ୍ରାବାଦସ୍ଥିତ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ଦେବା କେନ୍ଦ୍ର ସହିତ ଅନୁବନ୍ଧିତ ହୋଇଛନ୍ତି। ଏବେ ବିପର୍ଯ୍ୟୟର ନୂଆ ସ୍ୱରୂପ ସାଜିଛି ଭୂସ୍ଖଳନ। ନିକଟ ଅତୀତରେ ଗଜପତି ଜିଲ୍ଲାରେ ହୋଇଥିବା ଭୂସ୍ଖଳନକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସର୍ଭେ କାର୍ଯ୍ୟ କରାଯାଉଛି । ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉତ୍ତର-ପୂର୍ବ ରାଜ୍ୟ ଗସ୍ତ କରି ସେଠିକାର ଭୂସ୍ଖଳନ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ଜାତୀୟ, ଅନ୍ତର୍ଜାତୀୟ ବିଶେଷଜ୍ଞ ସଂସ୍ଥା ସହ ଆଲୋଚନା ମଧ୍ୟ ଚାଲୁ ରହିଛି । ବାତ୍ୟାପ୍ରବଣ ଅଞ୍ଚଳରେ ସରକାରୀ ଆବାସ ଯୋଜନାରେ ଦିଆଯାଉଥିବା ଘରଗୁଡ଼ିକୁ ବିପର୍ଯ୍ୟୟପ୍ରତିରୋଧୀ ବାସସ୍ଥାନ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ରାଜସ୍ୱ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ରାଜଧାନୀରେ ନାବାଳକ ଅପହରଣ ଉଦ୍ୟମ, ୪ ଗିରଫ

■ ମୁଣ୍ଡ ଜାମିନ ରଖି ୨୦ ହଜାର ଦାବି

ଭୁବନେଶ୍ୱର,୩।୭ (ସଂଚାର ବ୍ୟୁରୋ) ଃ ବିରିୟାନି ଖୁଆଇବା ବାହାନାରେ ୧୭ ବର୍ଷୀୟ ନାବାଳକଙ୍କୁ ଅପହରଣ । ମୁଣ୍ଡ ଜାମିନ ରଖି ୨୦ ହଜାର ଟଙ୍କା ଦାବି କରିଥିଲେ ୪ ଅଭିଯୁକ୍ତ। ସହିଦନଗର ଥାନା ପୋଲିସ ମାମଲାର ପର୍ଦ୍ଦାଫାଶ କରି ନାବାଳକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗତ ଜୁଲାଇ ୨ ତାରିଖରେ ନାବାଳକ ଜଣକ ବିରିୟାନି କିଣିବାକୁ ସହିଦନଗର ଯାଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଡାକି ଏକ ନିଛାଟିଆ ସ୍ଥାନକୁ ନେଇଥିଲେ। ସେଠାରେ ତାଙ୍କୁ ମାଡ଼ ମାରି ୧୮୦୦ ଟଙ୍କା ଛଡ଼ାଇ ନେବା ସହ ଏକ ଅଟୋରେ ବସାଇ ଭିଏସଏସ୍ ନଗରର ତାରିଣୀ ବସ୍ତିକୁ ନେଇଯାଇ ସେଠାରେ ତାଙ୍କ ଭଉଣୀଙ୍କୁ ଫୋନ୍ କରାଇ ୨୦ ହଜାର ଟଙ୍କା ମାଗିଥିଲେ । ଟଙ୍କା ନ ଦେଲେ ନାବାଳକଙ୍କୁ ହତ୍ୟା ଧମକ ଦେଇଥିଲେ । ସହିଦନଗର ପୋଲିସ ଘଟଣାରେ ସଂପୃକ୍ତ ମନାସ ସିଂ ଓରଫ ମନିଆ, ମିଟୁ ନାୟକ, ମାନସ ରଞ୍ଜନ ସ୍ୱାଇଁ ଓ ରାଜେଶ ସାହୁଙ୍କୁ ଗିରଫ କରିଛି।

● ରାଜ୍ୟରେ ଡାକ୍ତରଙ୍କ ଆନ୍ଦୋଳନ ପ୍ରସଙ୍ଗ

## ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ସରକାର



ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ)ଃ ରାଜ୍ୟର ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଶବ ବ୍ୟବଚ୍ଛେଦଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର୍‌ରେ ରୋଗୀମାନଙ୍କ ଚିକିତ୍ସା ଓ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଛି। ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ସୁଚାରୁ ଭାବେ ପରିଚାଳନା କରିବାରେ ଡାକ୍ତରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାର ଅହଙ୍କାର ମନୋଭାବ ରଖି ଡାକ୍ତରଙ୍କ ନ୍ୟାୟୋଚିତ ଦାବି ବିଷୟରେ ଆଲୋଚନା ନ କରି ରୋଗୀଙ୍କ ଜୀବନ ସହ ଖେଳୁଥିବାରୁ ଏଥିପାଇଁ ବିଜେଡି ପକ୍ଷରୁ ସରକାରଙ୍କୁ କଡ଼ା ନିନ୍ଦା କରାଯାଇଛି।

ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦେବୀ ମିଶ୍ର, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ୧୮ ସେପ୍ଟେମ୍ବର ୨୦୨୪ରେ ଡାକ୍ତରମାନେ ସେମାନଙ୍କର ଦାବିଗୁଡ଼ିକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୫ ମାର୍ଚ୍ଚ ମାସରେ ସ୍ୱାସ୍ଥ୍ୟ ସଚିବ ଓ ଜୁନ ଓ ଅଗଷ୍ଟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରିପାରି ନଥିଲା। ଅକ୍ଟୋବର ୨୦୨୫ରେ ଡାକ୍ତରମାନେ ଆନ୍ଦୋଳନ ନୋଟିସ ଦେଲା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ଯେ ନଭେମ୍ବର ୧୫ ସୁଦ୍ଧା ସମସ୍ତ ଦାବି ପୂରଣ କରାଯିବ, କିନ୍ତୁ ତାହା ପୂରଣ ହୋଇପାରିଲା ନାହିଁ। ଏହା ସତ୍ତ୍ୱେ ଡାକ୍ତରମାନେ ଆଉଟଡୋର ସେବା ଜାରି ରଖି ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ। ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଆଜି ରାଜ୍ୟରେ ରୋଗୀସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ କର୍ମକର୍ତ୍ତାଙ୍କ ସହ ୧୦ ଦଫା ଦାବି ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଦୁଇରୁ ତିନି ମାସ ମଧ୍ୟରେ ସମାଧାନର ବାଟ ବାହାର କରାଯିବ ବୋଲି ସରକାରଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ କମିଟିର ଅଧ୍ୟକ୍ଷ ଅତିରିକ୍ତ ମୁଖ୍ୟ ସଚିବ ଛୁଟିରେ ଯାଇ ପରେ ଅବସର ନେଇଥିବାରୁ କମିଟି ଗଠନ ହୋଇପାରିଲା ନାହିଁ। ଫଳସ୍ୱରୂପ ୬ ମାସ ପରେ ଜାତୀୟ ଡାକ୍ତର ଦିବସ ଅର୍ଥାତ୍ ଗତ ୧ ତାରିଖରୁ ଧର୍ମଘଟ ନେଇ ଓମ୍‌ସା ନୋଟିସ ଦେଇଥିଲା। ଜୁନ୍ ୨ ତାରିଖରେ ସରକାରଙ୍କ ସହ ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଭରଯୋଗ୍ୟ ଆଶ୍ୱାସନା ମିଳି ନ ଥିଲା। ସରକାର ଦାବି ପୂରଣ ନେଇ ଲିଖିତ ଭାବେ ଦେବାକୁ ଡାକ୍ତରମାନେ ଦାବି କରିଥିଲା ବେଳେ ସରକାର କୌଣସି ନିଷ୍ପତ୍ତି ନେଇ ନ ଥିଲେ। ତେଣୁ ଯେତେଶୀଘ୍ର ଡାକ୍ତରମାନଙ୍କ ସହ ଆଲୋଚନା କରି ସରକାର ସମାଧାନର ବାଟ ବାହାର କରନ୍ତୁ, ନଚେତ୍ ଓଡ଼ିଶାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେଡି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ।

**ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ**

## ଥାନାରେ ଏତଲା ଦେଲା ରାଜ୍ୟ ବିଜେପି



ଅପପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ)ଃ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଦିଆଯାଇଥିବା ଆପତ୍ତିଜନକ ମନ୍ତବ୍ୟକୁ ଓଡ଼ିଶାବାସୀ କଦାପି ସହ୍ୟ କରିପାରିବେ ନାହିଁ। ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟିଂ କରୁଥିବା ସୁନୀଲ ଜେନା ନାମକ ବ୍ୟକ୍ତି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଦ୍‌ନାମ କରିବା ଉଦ୍ଦେଶ୍ୟରେ ସାମାଜିକ ଗଣମାଧ୍ୟମରେ ଅନେକ ଅପଶବ୍ଦ ବ୍ୟବହାର କରି ଗାଳିଗୁଲଜ କରୁଛନ୍ତି। ଅସାମ୍ବିଧାନିକ ଶବ୍ଦ ସହ ଅପମାନଜନକ ଓ ଅଶ୍ଳୀଳ ମନ୍ତବ୍ୟ ଦେଇ ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ସବୁ ପୋଷ୍ଟ କରୁଛନ୍ତି, ଯାହା ଏକ ଦଣ୍ଡନୀୟ ଅପରାଧ। ସାମ୍ବାଦିକତାର ମୂଲ୍ୟବୋଧ ଜାଣି ନ ଥିବା ଏଭଳି ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଅସାମ୍ବିଧାନିକ, ଅପମାନଜନକ, ଅଶ୍ଳୀଳ ଏବଂ ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କରି ସମାଜରେ ଅପ୍ରୀତିକର ବାତାବରଣ ସୃଷ୍ଟି କରୁଛନ୍ତି। ଆଜିର ଡିଜିଟାଲ ଯୁଗରେ ଏଭଳି କାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ ବୋଲି ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଡ. ମହାନ୍ତି କହିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଏଭଳି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତିକୁ ନଷ୍ଟ କରିବାକୁ ଅପଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସାଇବର ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସାମ୍ବାଦିକ ବୋଲି ପରିଚୟ ଦେଇ ସାମ୍ବାଦିକତା ପେସାକୁ ବଦନାମ କରୁଥିବା ଏଭଳି ବ୍ୟକ୍ତିଙ୍କୁ ଉପଯୁକ୍ତ ଦଣ୍ଡ ମିଳିବା ନିହାତି ଆବଶ୍ୟକ। ଏ ସମ୍ପର୍କରେ ଆଜି ଭୁବନେଶ୍ୱର ସାଇବର ଥାନାରେ ଶ୍ରୀ ଜେନାଙ୍କ ବିରୋଧରେ ବିଜେପି ପକ୍ଷରୁ ଏକ ଏତଲା ଦିଆଯାଇଛି ଓ ଏତଲା ଆଧାରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳକୁ ଥାନାଧିକାରୀ ପ୍ରତିଶ୍ରୁତି ଦେଇଥିବା ଡ. ମହାନ୍ତି କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ଉପସଭାପତି ଡ. ମହାନ୍ତିଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ଓ ଭୁବନେଶ୍ୱର ଜିଲ୍ଲା ଉପସଭାପତି ସୁଶାନ୍ତ ଜେନାଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ ଚକ୍ରାନ୍ତ ବନ୍ଦ ଦାବି

ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ)ଃ ଏସସିଇଆରଟି, ଓଡିଶା ପକ୍ଷରୁ ଗତକାଲି ଏକ ବିଜ୍ଞପ୍ତି ଜାରି କରାଯାଇ ସର୍ବସାଧାରଣ ନିମନ୍ତେ ସୂଚନା ଦିଆଯାଇଛି ଯେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକଗୁଡିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏସସିଇଆରଟି ଓ ଓସେପାର ୱେବସାଇଟରେ ଦିଆଯାଇଛି ଓ ସେହି ପୁସ୍ତକଗୁଡ଼ିକ ସମ୍ବନ୍ଧରେ ସୁଚିନ୍ତିତ ମତାମତ ସପ୍ତାହକ ମଧ୍ୟରେ ଦେବେ। ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତି ଜାରି କରି ଏହି ବିଜ୍ଞପ୍ତିକୁ ଦୃଢ଼ ସମାଲୋଚନା କରି କହିଛନ୍ତି ଯେ ଜନମତ ସଂଗ୍ରହ ଆଳରେ ସରକାର ଅବୈଜ୍ଞାନିକ ଓ ଅଯୌକ୍ତିକ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଚକ୍ରାନ୍ତ କରୁଛନ୍ତି। ପ୍ରଥମତଃ ପାଠ୍ୟପୁସ୍ତକରେ ସଂଶୋଧନ କେବଳ କିଛି ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତ୍ତିକ କରାଯିବ ସେତିକି ନୁହେଁ ଆହୁରି ମଧ୍ୟ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣା ଭିତ୍ତିକ ବିଷୟବସ୍ତୁ ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା ଆବଶ୍ୟକ। ଏହା ଏକ ସମୟସାପେକ୍ଷ କାର୍ଯ୍ୟ। ପୁଣି ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବହି ପଢ଼ି ୭ ଦିନ ମଧ୍ୟରେ ଏ ବିଷୟରେ ମତାମତ ଦେବା ବାସ୍ତବରେ କାହା ପକ୍ଷେ ସମ୍ଭବ ନୁହେଁ। ଦ୍ୱିତୀୟତଃ ଏହି ପାଠ୍ୟପୁସ୍ତକ ବିଭ୍ରାଟର ମୂଳ କାରଣ ହେଉଛି ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷା ନୀତି ୨୦୨୦, ଯାହାର ଆଧାରରେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ ହୋଇଛି। ଏଣୁ ଏହି ଶିକ୍ଷାନୀତି ଅବିଳମ୍ବେ ବାତିଲ ହେବା ଜରୁରୀ। ଏହି ପ୍ରେସ ବିବୃତି ମାଧ୍ୟମରେ ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ ଚଳିତ ଶିକ୍ଷାବର୍ଷ ପାଇଁ ଗତବର୍ଷ ପାଠ୍ୟପୁସ୍ତକରେ ଶିକ୍ଷାଦାନ କରାଯାଉ। ପ୍ରକାଶିତ ପାଠ୍ୟପୁସ୍ତକରେ ତ୍ରୁଟି ସଂଶୋଧନ ନୁହେଁ, ନୂତନ ଭାବେ ପାଠ୍ୟ ପୁସ୍ତକ ପୁନର୍ଲିଖନ କରାଯାଉ। ସେଥିପାଇଁ ରାଜ୍ୟଭିତ୍ତିକ ସିଲାବସ ପ୍ରସ୍ତୁତି ସକାଶେ ଦାବି ହୋଇଛି।

■ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବହୁତ ଗମ୍ଭୀର

## ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପ୍ରତ୍ୟୁଷା



ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ)ଃ ବିଜେପିର ବରିଷ୍ଠ ନାରୀ ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ଦେବୀ ମୁଖ୍ୟମନ୍ତ୍ରୀ ଓ ପୁଲିସ ଡିଜିଙ୍କୁ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ଅତିରିକ୍ତ ପୁଲିସ ଅଧୀକ୍ଷକ (ଏଏସ୍‌ପି) ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ତାଙ୍କର ତୁରନ୍ତ ବଦଳି ଦାବି କରିଛନ୍ତି। ସେ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ ନୟାଗଡର ଅତିରିକ୍ତ ପୁଲିସ ଅଧୀକ୍ଷକ ନିରୀହ ଲୋକଙ୍କୁ ହଇରାଣ କରିବା, ବେଆଇନ ଭାବେ ଅର୍ଥ ଆଦାୟ କରିବା ଓ ଅବୈଧ ଉପାୟରେ ସମ୍ପତ୍ତି ଅର୍ଜନ କରି ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ଭଳି ଅଭିଯୋଗ ରହିଛି। ଏଭଳି ଅଭିଯୋଗ ସତ୍ତ୍ୱେ ତାଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି।

ତେଣୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ ଜନସ୍ୱାର୍ଥ ଓ ନିରପେକ୍ଷ ପ୍ରଶାସନିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଶ୍ରୀ ସାମନ୍ତରାୟଙ୍କୁ ତୁରନ୍ତ ନୟାଗଡ଼ ଜିଲ୍ଲାରୁ ବଦଳି କରାଯାଉ। ଏଥିସହ ଜଣେ ସଚ୍ଚୋଟ, ଦକ୍ଷ ଓ ଲୋକାଭିମୁଖୀ ପୁଲିସ ଅଧିକାରୀଙ୍କୁ ନୟାଗଡ଼ରେ ନିଯୁକ୍ତି ଦେଇ ଜନସାଧାରଣଙ୍କ ବିଶ୍ୱାସ ପୁନଃପ୍ରତିଷ୍ଠା କରାଯାଉ। କିଛି ଦିନ ତଳେ ରାଜ୍ୟ ମାନବିକ ଅଧିକାର କମିଶନ ଶ୍ରୀ ସାମନ୍ତରାୟଙ୍କ ବିରୋଧରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏସବୁକୁ ବିଚାର କରି ତୁରନ୍ତ ତାଙ୍କୁ ଏଠାରୁ ବଦଳି କରିବା ସକାଶେ ପ୍ରତ୍ୟୁଷା ଦାବି କରିଛନ୍ତି।

**। ବେଦାନ୍ତ ଲାଞ୍ଜିଗଡ଼ର ନୂତନ ସିଲେଇ ବ୍ୟାଚ୍ ।**

## ପ୍ରକଳ୍ପ ସଖୀ ପାଇଁ ବଢ଼ୁଛି ମହିଳାଙ୍କ ଦକ୍ଷତା ଓ ଉଦ୍ୟମିତା



ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ)ଃ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ପ୍ରକଳ୍ପ ସଖୀ' ଅଧୀନରେ ଏକ ନୂତନ ସିଲେଇ ତାଲିମ ବ୍ୟାଚ୍‌ର ଶୁଭାରମ୍ଭ ସହ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ୨୦୧୫ରେ ଆରମ୍ଭ ପରଠାରୁ ଏହି ପ୍ରକଳ୍ପ ଦକ୍ଷତା ବିକାଶ, ଉଦ୍ୟମିତା ଓ ଜୀବିକା ସୁଯୋଗ ମାଧ୍ୟମରେ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରୁଛି। ୫୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସହ କାର୍ଯ୍ୟ କରିବା ଓ ଆଖପାଖ ଗାଁର ୫ ହଜାରରୁ ଅଧିକ ମହିଳାଙ୍କୁ ଏହି ପଦକ୍ଷେପ ଉଭୟ କୃଷି ଓ ଅଣ-କୃଷି କ୍ଷେତ୍ରରେ ୧୯ ଶହରୁ ଅଧିକ ଆୟକାରୀ ଉଦ୍ୟୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ଶକ୍ତିମୟୀ ଫାଉଣ୍ଡେସନ ସହ ମିଳିତ ଭାବେ କାର୍ଯ୍ୟକାରୀ ହୋଇଥିବା ଏହି କାର୍ଯ୍ୟକ୍ରମ ମହିଳାଙ୍କୁ ବ୍ୟାବହାରିକ ଦକ୍ଷତା, ଆର୍ଥିକ ସଚେତନତା ଓ ଜୀବିକା ସହାୟତା ସହ ସଜ୍ଜିତ କରିଥାଏ, ଯାହା ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଓ ସେମାନଙ୍କ ପରିବାରର କଲ୍ୟାଣରେ ଅର୍ଥପୂର୍ଣ୍ଣ ଯୋଗଦାନକୁ ସକ୍ଷମ କରୁଛି। ମହିଳାଙ୍କୁ ନିଯୁକ୍ତି ଯୋଗ୍ୟ ଦକ୍ଷତା ଓ ସ୍ଥାୟୀ ଆୟ ସୃଷ୍ଟି ପାଇଁ ସୁଯୋଗ ପ୍ରଦାନ କରି ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିବା ଏହି ନୂତନ ସିଲେଇ ବ୍ୟାଚର ଲକ୍ଷ୍ୟ।

ଏହି ପଦକ୍ଷେପ ସମ୍ପର୍କରେ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁ ଯେ ମହିଳା ସଶକ୍ତିକରଣ ସୁଯୋଗରୁ ଆରମ୍ଭ ହୋଇଥାଏ। ସଖୀ ପ୍ରକଳ୍ପ ମାଧ୍ୟମରେ ଆମେ ମହିଳାମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ଓ ସ୍ଥାୟୀ ଜୀବିକା ନିର୍ମାଣ କରିବାର ମାଧ୍ୟମ ସହ ସଜ୍ଜିତ କରୁଛୁ। ଉଦ୍ୟୋଗୀ, ଘରୋଇ ଆୟରେ ଯୋଗଦାନକାରୀ ଓ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ଆଦର୍ଶ ଭାବେ ସେମାନଙ୍କ ପରିବର୍ତ୍ତନର ସାକ୍ଷୀ ହେବା ପ୍ରେରଣାଦାୟୀ। ସେମାନଙ୍କର ସଫଳତା ଦକ୍ଷତା ବିକାଶ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବାର ପ୍ରକୃତ ପ୍ରଭାବକୁ ପ୍ରତିଫଳିତ କରେ।

**ସଂଘର୍ଷପୂର୍ଣ୍ଣ ଅତୀତରୁ ସମ୍ମାନଜନକ ଜୀବିକା**

# ପରିମଳ କର୍ମଚାରୀଙ୍କ ପାଇଁ ଆଶା ସଂଚାର କରୁଛି 'ଗରିମା'

ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ)ଃ ଦଶନ୍ଧି ଦଶନ୍ଧି ଧରି ସାମାଜିକ ଅବହେଳା ଓ ବିପଦପୂର୍ଣ୍ଣ ପରିବେଶରେ କାର୍ଯ୍ୟ କରୁଥିବା ପ୍ରମୁଖ ପରିମଳ କର୍ମଚାରୀଙ୍କର ଏକ ସରଳ ଓ ନିରୀହ ସ୍ୱପ୍ନ ଥିଲା- ସୁରକ୍ଷିତ ଭାବେ ଘରକୁ ଫେରିବା, ମୁଣ୍ଡ ଉପରେ ଏକ ପକ୍କା ଛାତ ପାଇବା ଓ ସମ୍ମାନର ସହ ବଞ୍ଚିବା। ଆଜି ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଯୋଗୁଁ ସେହି ଆଶା ବାସ୍ତବତାରେ ରୂପାନ୍ତରିତ ହେଉଛି। ପାରମ୍ପରିକ ବିପଦପୂର୍ଣ୍ଣ ପ୍ରଥା ବଦଳରେ ସହରାଞ୍ଚଳରେ ବ୍ୟାପକ ଯାନ୍ତ୍ରିକୀକରଣକୁ ଆପଣାଯାଇଛି, ଯାହା ଫଳରେ ପ୍ରମୁଖ ପରିମଳ କର୍ମଚାରୀମାନେ ଆଜି ଜଣେ ଜଣେ ଦକ୍ଷ ପରିମଳ ପ୍ରଫେସନାଲ ଭାବେ ଗର୍ବର ସହ କାର୍ଯ୍ୟ କରିପାରୁଛନ୍ତି।

ଏହି ବର୍ଗର ଶ୍ରମିକମାନଙ୍କ ନିରବ ଆକାଂକ୍ଷାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଶ୍ରମର ମର୍ଯ୍ୟାଦା




କେବଳ ଏକ ସରକାରୀ ନୀତି ମଧ୍ୟରେ ସୀମିତ ନ ରହି ପ୍ରତ୍ୟେକ କର୍ମଚାରୀଙ୍କ ଦୈନନ୍ଦିନ ଜୀବନର ଅନୁଭୂତି ହେବା ଆବଶ୍ୟକ। ମାନବିକ ଗରିମା ପ୍ରତି ଥିବା ଏହି ପ୍ରତିବଦ୍ଧତାକୁ ଆଧାର କରି ଓଡ଼ିଶା ସରକାର 'ଗରିମା' ଯୋଜନାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରୁଛନ୍ତି। ବିପଜ୍ଜନକ ମଇଳା ସଫେଇ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରି ସୁରକ୍ଷିତ ଓ ଯାନ୍ତ୍ରିକ ପରିମଳ ସେବା ପ୍ରଦାନ କରିବା ଏହି ପ୍ରମୁଖ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ, ଯାହା ରାଜ୍ୟର ସବୁଠାରୁ ଅବହେଳିତ ଶ୍ରେଣୀର ଜୀବନରେ ଏକ ବଡ଼ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ଆଣିଦେଇଛି।

କର୍ମଚାରୀମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ 'ଗରିମା' ଯୋଜନାରେ ଆନୁଷ୍ଠାନିକ ସଂସ୍କାର ସହ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ କରାଯାଇଛି। କ୍ଷେତ୍ର ସ୍ତରରେ ସମ୍ପୂର୍ଣ୍ଣ ନିରାପତ୍ତା ପାଇଁ କର୍ମଚାରୀମାନଙ୍କୁ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପମେଣ୍ଟ କିଟ୍ ପ୍ରଦାନ କରାଯାଉଛି। ଏଥିସହ ମାନୁଆଲ ସ୍ୱେରେଜ ପ୍ରବେଶକୁ ବନ୍ଦ କରିବାକୁ ଆଧୁନିକ ଯାନ୍ତ୍ରିକ ଉପକରଣ ଯୋଗାଇ ଦିଆଯାଉଛି। ଶାରୀରିକ ସୁରକ୍ଷା ବ୍ୟତୀତ ସରକାର ଏକ ଦୃଢ଼ ସାମାଜିକ ସୁରକ୍ଷା ନେଟୱର୍କ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ୧୫ ପ୍ରତିଶତ ବିପଦ ଭତ୍ତା, ଜୀବନ ଓ ଦୁର୍ଘଟଣା ବୀମା, ରାସନ କାର୍ଡ, ସରକାରୀ ପରିଚୟ ପତ୍ର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ ସହାୟତା ସାମିଲ ରହିଛି। ଏଥିସହ ସହରାଞ୍ଚଳରେ ସମ୍ମାନଜନକ ବିଶ୍ରାମ ପାଇଁ ଆଧୁନିକ ସୁବିଧା ଓ ସ୍ୱଚ୍ଛ ଶୌଚାଳୟ ବିଶିଷ୍ଟ ଏୟାର୍-କଣ୍ଡିସନର୍ 'ଗରିମା ହଲ୍' ନିର୍ମାଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ବିଭିନ୍ନ ପୌରସଂସ୍ଥାରେ ପ୍ରାୟ ୯,୩୬୪ ଜଣ ପରିମଳ କର୍ମଚାରୀଙ୍କୁ ଏହି ସୁରକ୍ଷିତ ଜୀବିକା ନେଟୱର୍କ ସହ ଯୋଡ଼ାଯାଇସାରିଛି। ଏହି ସଂସ୍କାରର ପ୍ରକୃତ ପ୍ରଭାବ ବ୍ରହ୍ମପୁର ମହାନଗର ନିଗମର ପରିମଳ କର୍ମଚାରୀ ରାଜୁ ନାୟକଙ୍କ ଜୀବନଯାତ୍ରାରୁ ସ୍ପଷ୍ଟ ବାରି ହୋଇପଡ଼େ। ଗରିମା ଯୋଜନା ପୂର୍ବରୁ ରାଜୁ କୌଣସି ସୁରକ୍ଷା ଉପକରଣ ବିନା ସ୍ୱେରେଜ୍ ସଫା କରିବାର ଅତି ବିପଜ୍ଜନକ ପରିବେଶ ମଧ୍ୟରେ କାର୍ଯ୍ୟ କରୁଥିଲେ। କିନ୍ତୁ ସରକାରଙ୍କ ପଦକ୍ଷେପ ତାଙ୍କ ବୃତ୍ତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ସେ ଏବେ ଜଣେ ପ୍ରଶିକ୍ଷିତ ଓ ଦକ୍ଷ ପରିମଳ ପ୍ରଫେସନାଲ ଭାବେ ଯାନ୍ତ୍ରିକ ମଇଳା ନିଷ୍କାସନ ଗାଡ଼ି ପରିଚାଳନା କରୁଛନ୍ତି।


## ନବକିଶୋର ମହାପାତ୍ରଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର,୩।୭(ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲାର ୨୨ ମୌଜା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତଥା ବହୁଚର୍ଚ୍ଚିତ ସ୍ୱର୍ଗତଃ ଛବିରାଣୀଙ୍କ ସ୍ୱାମୀ ନବକିଶୋର ମହାପାତ୍ରଙ୍କ ଏକାଦଶାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର, ସାଂସଦ ବିଭୁ ପ୍ରସାଦ ତରାଇ, ବିଜେପି ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ତିର୍ତ୍ତୋଲ ବିଧାନସଭାର ପୂର୍ବତନ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦିବଙ୍ଗତ ମହାପାତ୍ରଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଏହି ଅବସରରେ ଶ୍ରୀ ମହାପାତ୍ର କହିଥିଲେ ଯେ ସ୍ୱର୍ଗତଃ ଛବିରାଣୀଙ୍କୁ କେନ୍ଦ୍ର କରି ଘଟିଥିବା ସେହି ସମୟର ହତ୍ୟାକାଣ୍ଡ ଓଡ଼ିଶାର ଇତିହାସରେ ଏକ ହୃଦୟ ବିଦାରକ ଓ ଅଭୁଲା ଅଧ୍ୟାୟ ଭାବେ ସ୍ମରଣୀୟ। ଏହି ଘଟଣା ସମଗ୍ର ରାଜ୍ୟରେ ନ୍ୟାୟ, ନାରୀ ସୁରକ୍ଷା ଓ ସାମାଜିକ ସଚେତନତା ପ୍ରତି ଏକ ଗଭୀର ଆଲୋଚନା ଓ ଜାଗରଣର ସୂତ୍ରପାତ କରିଥିଲା। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ଓ ସମାଜରେ ନ୍ୟାୟ ପ୍ରତିଷ୍ଠା ପାଇଁ ସଦା ସଚେତନ ଓ ଦୃଢ଼ ରହିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ବୋଲି ସେ କହିଥିଲେ। ଶେଷରେ ଉପସ୍ଥିତ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନବକିଶୋରଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି କାମନା କରିବା ସହ ଶୋକାକୁଳ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଶକ୍ତି ଓ ସାହସ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ।

## ଟ୍ରମ୍ପଙ୍କ ବଡ଼ ଦାବି
# ଆମେରିକାର ସବୁ ସର୍ତ୍ତ ମାନିଛି ଇରାନ୍



**ୱାଶିଂଟନ,୩।୭:** ଆମେରିକା ଓ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତିନାମା ସମ୍ପର୍କରେ ଆଲୋଚନା ପରେ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଦାବି କରିଛନ୍ତି। ଇରାନ ପ୍ରାୟ ସମସ୍ତ ଆବଶ୍ୟକୀୟ ସର୍ତ୍ତ ଗ୍ରହଣ କରିଛି ବୋଲି ସେ କହିଛନ୍ତି। ଆମେରିକୀୟ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସେ କହିଛନ୍ତି ଯେ ମାସ ମାସ ଧରି ବୃଦ୍ଧି ପାଉଥିବା ଆଞ୍ଚଳିକ ଉତ୍ତେଜନା ଓ ଆମେରିକାର ଆକ୍ରମଣ ପରେ ଇରାନ ସମ୍ପୂର୍ଣ୍ଣ ପରାଜିତ ହୋଇଛି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣର ଜବାବରେ ଆମେରିକୀୟ ସେନା ଲଗାତାର ତିନି ରାତି ପାଇଁ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଥିଲା।

ଟ୍ରମ୍ପ କହିଛନ୍ତି, ଏହି ଆକ୍ରମଣ ସମୟରେ ଆମେରିକା ବାରମ୍ବାର ଇରାନର ରାଡାର ସିଷ୍ଟମକୁ ନଷ୍ଟ କରିଛି। ଇରାନ ଏକ ନୂତନ ରାଡାର ସ୍ଥାପନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଆମେରିକା ଏହାକୁ ନଷ୍ଟ କରିଦେଇଥିଲା। ଆମେ ଗତ ସପ୍ତାହରେ ମଧ୍ୟ ଗୋଟିଏ ନଷ୍ଟ କରିଦେଇଥିଲୁ, ଅର୍ଥାତ୍ ସେମାନଙ୍କୁ ତୃତୀୟ ଥର ପାଇଁ ପୁଣି ଆରମ୍ଭ କରିବାକୁ ପଡିବ। ଆମେରିକା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ଅଛି କି ନାହିଁ ପ୍ରଶ୍ନରେ ଆମର ସମସ୍ତ ସମ୍ବଳ ଅଛି ବୋଲି ଟ୍ରମ୍ପ କହିଛନ୍ତି।

ଆମେରିକାର ନୌସେନା ଅବରୋଧକୁ 'ଇସ୍ପାତର ପ୍ରାଚୀର' ଭାବରେ ବର୍ଣ୍ଣନା କରି ଟ୍ରମ୍ପ କହିଛନ୍ତି ଯେ, ଆମେରିକା ଯେଉଁ ଅବରୋଧ କରିଥିଲା ତାହା ପ୍ରକୃତରେ ଏକ ଅବରୋଧ ନଥିଲା; ଏହା ଇସ୍ପାତର ପ୍ରାଚୀର ଥିଲା। ଆମର ଏକ ମହାନ ନୌସେନା ଅଛି, ଆଉ ଏହା ହେଉଛି ବିଶ୍ୱର ସର୍ବଶ୍ରେଷ୍ଠ ନୌସେନା। ଏହାକୁ ଭେଦକରି ଗୋଟିଏ ବି ଜାହାଜ ଇରାନ ପହଞ୍ଚି ପାରିବ ନାହିଁ।


ସେ ଦାବି କରିଛନ୍ତି ଯେ, ଇରାନର ଅର୍ଥନୀତି ଗୁରୁତର ଭାବରେ ଦୁର୍ବଳ ହୋଇଯାଇଛି। ସେଠାରେ ମୁଦ୍ରାସ୍ଫୀତି ୩୦୦ ପ୍ରତିଶତରେ ପହଞ୍ଚିଛି। ସେମାନେ କିଛି ରୋଜଗାର କରୁନାହାନ୍ତି। ସେମାନଙ୍କର ନେତାମାନେ ଚାଲିଯାଇଛନ୍ତି, ସେମାନଙ୍କର ଦ୍ୱିତୀୟସ୍ତରୀୟ ନେତାମାନେ ଚାଲିଯାଇଛନ୍ତି। ସେମାନଙ୍କର କିଛି ତୃତୀୟସ୍ତରୀୟ ନେତା ଚାଲିଯାଇଛନ୍ତି। ସେମାନଙ୍କର ଅଧିକାଂଶ ସେନା ଜେନେରାଲ ସମାପ୍ତ ହୋଇଯାଇଛନ୍ତି।

ଟ୍ରମ୍ପ କହିଥିଲେ ଯେ ତାଙ୍କ ପ୍ରଶାସନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବାରୁ ନିବୃତ୍ତ ରହିଲା କାରଣ ଏହାର ପ୍ରଭାବ ବିଶ୍ୱ ତୈଳ ବଜାର ଉପରେ ପଡ଼ିବ। ସେ କହିଥିଲେ, ମୁଁ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରି ଆଗାମୀ କିଛି ବର୍ଷ ପାଇଁ ପ୍ରଣାଳୀକୁ ବନ୍ଦ କରିବାକୁ ଚାହୁଁଥିଲି, ଯେଉଁଠାରେ ୨୦ କିମ୍ବା ୨୧ ପ୍ରତିଶତ ତେଲ କେବେ ବାହାରକୁ ବାହାରିବ ନାହିଁ ଏବଂ ଲୋକେ ତେଲ ପାଇପାରିବେ ନାହିଁ। ସେ ଏହା ମଧ୍ୟ ଦାବି କରିଥିଲେ ଯେ ଆମେରିକା ନୌସେନା ପ୍ରଣାଳୀର ଦକ୍ଷିଣ ମାର୍ଗ ଦେଇ ଟ୍ୟାଙ୍କରଗୁଡ଼ିକୁ ସୁରକ୍ଷିତ ଭାବରେ ବାହାରକୁ ନେଇଥିଲା। ପ୍ରତି ରାତିରେ ଆମେ ଦକ୍ଷିଣରୁ ଜାହାଜ ସ୍ଥାନାନ୍ତର କରୁଥିଲୁ; ଗୋଟିଏ ରାତିରେ ଆମେ ୨୨ଟି ଜାହାଜ ସ୍ଥାନାନ୍ତର କରିଥିଲୁ। ତାହା ବହୁତ ତେଲ ଥିଲା। କେହି ଏହା ବିଷୟରେ ଜାଣି ନଥିଲେ ବୋଲି ଟ୍ରମ୍ପ କହିଛନ୍ତି।

### ରାମପାଣ୍ଠି ହେର୍‌ଫେର୍‌ରେ ହିନ୍ଦୁମାନେ କ୍ଷମା ଦେବେନାହିଁ
# ଉଦ୍ଧବଙ୍କ ରାମରକ୍ଷା ଆନ୍ଦୋଳନ ଘୋଷଣା

**ମୁମ୍ବାଇ,୩।୭:** ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଶୁକ୍ରବାର ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ରାମ ମନ୍ଦିର ଦାନ ପାଣ୍ଠି ହେର୍‌ଫେର୍ କରିବାକୁ ନେଇ ହିନ୍ଦୁମାନେ ବିଜେପିକୁ କ୍ଷମା ଦେବେନାହିଁ ବୋଲି ଉଦ୍ଧବ କହିଛନ୍ତି। ରାମ ମନ୍ଦିର ଦାନ ଚୋରି ବିରୋଧରେ ସେ ସାରା ମହାରାଷ୍ଟ୍ରରେ 'ରାମ ରକ୍ଷା' ଆନ୍ଦୋଳନ କରିବାକୁ ଘୋଷଣା କରିଛନ୍ତି। ସେ ସମସ୍ତ ରାମ ଭକ୍ତଙ୍କୁ ଦଳଗତ ନିର୍ବିଶେଷରେ ଆନ୍ଦୋଳନରେ ଯୋଗଦେବାକୁ ଅନୁରୋଧ କରିଛନ୍ତି।

ଠାକରେ ଓ ଅନ୍ୟ ଶିବସେନା (ୟୁବିଟି) ନେତାମାନେ ରବିବାର ସନ୍ଧ୍ୟାରେ ମୁମ୍ବାଇର ଦାଦର ପଶ୍ଚିମରେ ଥିବା ହନୁମାନ ମନ୍ଦିର ପରିଦର୍ଶନ କରି ଆନ୍ଦୋଳନ ଆରମ୍ଭ କରିବେ। ଏହି ପରିପ୍ରେକ୍ଷୀରେ ଉଦ୍ଧବ କହିଛନ୍ତି, ଆମେ ମନ୍ଦିରରେ ଏକତ୍ରିତ ହେବୁ ଓ ରାମ ରକ୍ଷା ସ୍ତୋତ୍ର, ମାରୁତି ସ୍ତୋତ୍ର ଓ ହନୁମାନ ଚାଳିଶା ପାଠ କରିବୁ। ରାମ ମନ୍ଦିର ନାମରେ ଲୁଟ୍ ଉପରେ କ୍ରୋଧିତ ସମସ୍ତ ରାମ ଭକ୍ତ ଏଥିରେ ଅଂଶଗ୍ରହଣ କରିବା ଉଚିତ। ସେ ବିଜେପି ନେତା ଓ କର୍ମୀମାନଙ୍କୁ ସେମାନଙ୍କ ସହିତ ଆନ୍ଦୋଳନରେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି। ମହାରାଷ୍ଟ୍ରର ସମସ୍ତ ରାମ ଓ ହନୁମାନ ମନ୍ଦିରର



ନିକଟରେ ଆନ୍ଦୋଳନ କରାଯିବ ବୋଲି ଉଦ୍ଧବ କହିଛନ୍ତି। ଉଦ୍ଧବ କହିଛନ୍ତି, ଏହି ପ୍ରସଙ୍ଗରେ ମୁଁ ଆସନ୍ତା ସପ୍ତାହରେ କହିବି ଓ ମୁଁ ଅଯୋଧ୍ୟା ଯିବି। ଶିବସେନା ଏହାର ୬ ସାଂସଦ ଏକନାଥ ସିନ୍ଦେ ଗୋଷ୍ଠୀରେ ସାମିଲ ହେବାକୁ ନେଇ ବିଜେପି ଉପରେ ତୀବ୍ର ଅସନ୍ତୋଷ ଥିବାବେଳେ ରାମ ମନ୍ଦିର ଦାନ ଚୋରି ସେମାନଙ୍କ ହାତରେ ଏକ ପ୍ରସଙ୍ଗ ଆଣି ଦେଇଛି।

## ବର୍ଷା ଓ ଭୂସ୍ଖଳନରେ ୯ ମୃତ

**ମନାଲି,୩।୭:** ହିମାଚଳ ପ୍ରଦେଶରେ ଲାଗି ରହିଥିବା ବର୍ଷା ଯୋଗୁ ଅନେକ ସ୍ଥାନରେ ଭୂସ୍ଖଳନ ଘଟିଛି। ଭୂସ୍ଖଳନ ତଥା ମାଟି ଧସିବା କାରଣରୁ ରାଜ୍ୟରେ ୯ ଜଣ ପ୍ରାଣ ହରାଇଛନ୍ତି। ଜୁନ ୩୦ ତାରିଖରେ ହିମାଚଳ ପ୍ରଦେଶରେ ମୌସୁମୀ ପ୍ରବେଶ କରିଥିଲା। ସେବେଠୁ ଜୁନ ୨ ମଧ୍ୟରେ ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ଏହାସହ ଭିନ୍ନ ଭିନ୍ନ ସ୍ଥାନରେ ଭୂସ୍ଖଳନ ମଧ୍ୟ ହୋଇଛି। ଯେଉଁଥିରେ ୯ ଜଣ ପ୍ରାଣ ହରାଇଛନ୍ତି। ଚମ୍ବା, କୁଲୁ, ମଣ୍ଡି ଓ ଲାହୋଲ ସ୍ପିତିରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା ବେଳେ ଶିମଲାରେ ଦୁଇ ଜଣେ ଏବଂ କାଙ୍ଗଡାରେ ତିନି ଜଣଙ୍କ ଜୀବନ ଯାଇଛି। ଏହାସହ ପ୍ରାୟ ୭୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଉଛି।



## ଦାନ ଚୋରି ମାମଲାରେ ମୁହଁ ଖୋଲିଲା ଅଭିଯୁକ୍ତ

**ଅଯୋଧ୍ୟା,୩।୭:** ରାମମନ୍ଦିର ଦାନ ଚୋରି ମାମଲାରେ ଅଭିଯୁକ୍ତ ଅବିନାଶ ଶୁକ୍ଲା ପୁଲିସ ନିକଟରେ ମୁହଁ ଖୋଲିଛି। ସେ କହିଛି ଯେ, ଚୋରି ପରେ ଏହାର ଭାଗବଣ୍ଟା ହେଉଥିଲା। ଏହି ଭାଗବଣ୍ଟା ୧୪ କୋଶୀମାର୍ଗରେ ହେଉଥିଲା। ନିଜନିଜ ଭାଗ ନେବାକୁ ସବୁ ଅଭିଯୁକ୍ତ ସେଠାକୁ ଆସୁଥିଲେ। ଏହି ସୂଚନା ଆଧାରରେ ପୁଲିସ ଅବିନାଶକୁ ସେହି ସ୍ଥାନକୁ ନେଇଯାଇଥିଲା ଯେଉଁଠି ଭାଗବଣ୍ଟା ହୁଏ। ସେଠାରୁ ପୋଲିସ କରିଛି ସାମଗ୍ରୀ ଜବତ ମଧ୍ୟ କରିଛି। ଅଭିଯୁକ୍ତଙ୍କ ପାଖରୁ ଆମେରିକୀୟ ଡଲାର ମଧ୍ୟ ଜବତ ହୋଇଛି। ପୁଲିସ ପଚରାଉଚରା କାଳରେ ଅବିନାଶ ଶୁକ୍ଲା ଦାନ ଗଣନା କାଳରେ ହଡ଼ପ ଓ ଚୋରି ଅଭିଯୋଗକୁ ସ୍ୱୀକାର କରିଛି। ସେ କହିଛି ଯେ ଚୋରି ଧରାପଡିଯିବା ପରେ ନିଜ ପାଖରେ ରଖିଥିବା ବଳକା ଟଙ୍କାକୁ ସେ ଟ୍ରଷ୍ଟକୁ ଦାନ କରିଦେଇଛି। ଏହା ପରେ ଟ୍ରଷ୍ଟ ଅଭିଯୁକ୍ତଙ୍କ ସୂଚନା ଅନୁସାରେ ଦାନ ଚୋରି ନଗଦ ଅର୍ଥ ଓ ଆଭୂଷଣ ଜବତ କରାଯାଇଥିଲା।

## ଗ୍ରାଣ୍ଡ ମୋସାଲ୍ଲାରେ ପହଞ୍ଚିଲା ଖାମେନିଙ୍କ ପାର୍ଥିବ ଶରୀର, ଶେଷକୃତ୍ୟ ଆଜି



**ତେହେରାନ,୩।୭:** ଆମେରିକା ଓ ଇସ୍ରାଏଲର ମିଳିତ ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଥିବା ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନିଙ୍କ ପାର୍ଥିବ ଶରୀର ଶୁକ୍ରବାର ତେହେରାନର ପ୍ରସିଦ୍ଧ ଗ୍ରାଣ୍ଡ ମୋସାଲ୍ଲା କମ୍ପ୍ଲେକ୍ସରେ ପହଞ୍ଚିଛି। ଇରାନର ଜାତୀୟ ପତାକାରେ ଆବୃତ ହୋଇଥିବା ତାଙ୍କ କଫିନକୁ ଦେଖି ସେଠାରେ ଉପସ୍ଥିତ ଥିବା ହଜାର ହଜାର ଶୋକାକୁଳ ପ୍ରଶଂସକ ଓ କଳା ପୋଷାକ ପିନ୍ଧିଥିବା ଶ୍ରଦ୍ଧାଳୁ କାନ୍ଦି ପକାଇଥିଲେ। ଶନିବାର ଅନୁଷ୍ଠିତ ହେବାକୁ ଥିବା ଏହି ସରକାରୀ ଶେଷକୃତ୍ୟ କାର୍ଯ୍ୟକ୍ରମରେ ଦେଶବିଦେଶରୁ ଲକ୍ଷ ଲକ୍ଷ ଲୋକ ଓ ଅନେକ ବିଦେଶୀ ନେତା ଯୋଗଦେବେ ବୋଲି ଆଶା କରାଯାଉଛି। ଇରାନର ମୁଖ୍ୟ ଆଲୋଚକ ତଥା ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଦେଶବାସୀଙ୍କୁ ବହୁ ସଂଖ୍ୟାରେ ଏକାଠି ହେବାକୁ ନିବେଦନ କରି କହିଛନ୍ତି ଯେ, ଏହି ମୃତ୍ୟୁର ପ୍ରତିଶୋଧ ପାଇଁ ସାରା ବିଶ୍ୱରେ ଇରାନର ସ୍ୱର ଗୁଞ୍ଜରିତ ହେବା ଉଚିତ।

## ବିଜୟଙ୍କ ନାଁରେ ଆପତ୍ତିଜନକ ମନ୍ତବ୍ୟ, ଡିଏମ୍‌କେ ବିଧାୟକ ଗିରଫ




**ଚେନ୍ନାଇ, ୩।୭:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ମାମଲାରେ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଡିଏମକେ ବିଧାୟକ ଅନିଥା ଆର ରାଧାକୃଷ୍ଣନଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିବା ପରେ ତାମିଲନାଡୁ ପୁଲିସ ତାଙ୍କୁ ଗିରଫ କରିଛି। ଅଭିଯୋଗ ହୋଇଛି ଯେ, ବିଧାୟକ ସାର୍ବଜନୀନ ମଞ୍ଚରୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତ୍ତିଜନକ ଓ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଜୁନ୍ ୨୦ ତାରିଖରେ ଅଥୁରରେ ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷଣ ଦେବାସମୟରେ ରାଧାକ୍ରିଷନ୍ ବିଜୟଙ୍କ ନାଁରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ଗିରଫ ହେବା ଆଶଙ୍କା କରି ରାଧାକ୍ରିଷ୍ଣନ ମାଡ୍ରାସ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ତେବେ କୋର୍ଟ ଶୁକ୍ରବାର ତାଙ୍କ ଆବେଦନ ଖାରଜ କରିଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ବିଧାୟକ ବିକାଶ କାର୍ଯ୍ୟ ଯାଞ୍ଚ କରିବାକୁ ସରକାରୀ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା।

## ଓଲଟିଲା ସିଆର୍‌ପିଏଫ୍ ଯବାନଙ୍କ ଗାଡ଼ି, ୬ ଆହତ



**ଶ୍ରୀନଗର,୩।୭:** ଜମ୍ମୁ-କଶ୍ମୀରର ଗାଣ୍ଡେରବଲ ଜିଲାର ସୋନମାର୍ଗ ଅଟଳ ସୁଡ଼ଙ୍ଗ ନିକଟରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ) କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ଗାଡ଼ି ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ମୋଟ୍ ୬ ଜଣ ଯବାନ ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେନ୍ଦ୍ରୀୟ କଶ୍ମୀର ଜିଲାର ଶ୍ରୀନଗର-ଲେହ ଜାତୀୟ ରାଜପଥର ସୋନମାର୍ଗ ସୁଡ଼ଙ୍ଗ ନିକଟରେ ସିଆର୍‌ପିଏଫ୍ ଗାଡ଼ିଟି ରାସ୍ତାରୁ ଖସି ଓଲଟି ପଡ଼ିଛି। ଅଧିକାରୀମାନେ କହିଛନ୍ତି, ଆହତ କର୍ମଚାରୀଙ୍କୁ ଘଟଣାସ୍ଥଳରେ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା ଏବଂ ପରେ ଅଧିକ ଚିକିତ୍ସା ପାଇଁ ଗୁଣ୍ଡର ସିଆର୍‌ପିଏଫ ଶିବିରକୁ ନିଆଯାଇଥିଲା। ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ସଠିକ୍ କାରଣ ଜାଣିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଅଧିକାରୀମାନେ କହିଛନ୍ତି।

### ଅମରନାଥ ଯାତ୍ରା
# ପ୍ରଧାନମନ୍ତ୍ରୀ ଦେଲେ ୫ ସଂକଳ୍ପ ବାର୍ତ୍ତା



**ନୂଆଦିଲ୍ଲୀ,୩।୭:** ପବିତ୍ର ଅମରନାଥ ଯାତ୍ରା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦେଶର ସମସ୍ତ ଶିବଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ସେୟାର କରିଛନ୍ତି। ବାବା ବର୍ଫାନୀଙ୍କ ଏହି ପବିତ୍ର ଯାତ୍ରାକୁ ଭାରତର ଆଧ୍ୟାତ୍ମିକ ପରମ୍ପରା ଏବଂ ସାଂସ୍କୃତିକ ଏକତାର ଏକ ଅମର ଅଧ୍ୟାୟ ଭାବେ ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ସେ ଲେଖିଛନ୍ତି ଯେ, ବାବା ବର୍ଫାନୀଙ୍କ ଦର୍ଶନ ସହ ଜଡ଼ିତ ଅମରନାଥ ଯାତ୍ରା ଆମ ଆଧ୍ୟାତ୍ମିକ ଚେତନାର ପ୍ରତୀକ ଏବଂ ଏହି ପବିତ୍ର ଅବସରରେ ସେ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖି '୫ଟି ସଂକଳ୍ପ' ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥି ସହିତ ସେ ସମସ୍ତ ଶ୍ରଦ୍ଧାଳୁଙ୍କ ଯାତ୍ରା ସୁରକ୍ଷିତ ଏବଂ ମଙ୍ଗଳମୟ ହେଉ ବୋଲି ପ୍ରାର୍ଥନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏହି ଯାତ୍ରା କେବଳ ଏକ ଧାର୍ମିକ ଯାତ୍ରା ନୁହେଁ, ବରଂ ଏହା 'ଏକ ଶ୍ରେଷ୍ଠ ଭାରତ' ର ଭାବନାକୁ ଦର୍ଶାଏ, ଯେଉଁଠାରେ ବିଭିନ୍ନ ରାଜ୍ୟ, ଭାଷା ଓ ପରମ୍ପରାର ଲୋକ ଏକାଠି ହୁଅନ୍ତି। ସେ ଜାମ୍ମୁ-କାଶ୍ମୀରର ସ୍ଥାନୀୟ ଲୋକଙ୍କ ଆତିଥେୟତା ଏବଂ ଯାତ୍ରାକୁ ସଫଳ କରିବାରେ ଦିନରାତି ଏକ କରିଥିବା ଭାରତୀୟ ସେନା, ସୁରକ୍ଷା ବଳ, ପୋଲିସ, ସ୍ୱାସ୍ଥ୍ୟକର୍ମୀ ଓ ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚିଠିରେ ସେ ଶ୍ରଦ୍ଧାଳୁମାନଙ୍କୁ ପରିବେଶ ସୁରକ୍ଷା ଓ ସାମାଜିକ ବିକାଶ ପାଇଁ ୫ଟି ବିଶେଷ ସଂକଳ୍ପ ନେବାକୁ କହିଛନ୍ତି, ଯେଉଁଥିରେ ହିମାଳୟ ଅଞ୍ଚଳକୁ ସ୍ୱଚ୍ଛ ରଖିବା, ପ୍ରଶାସନର ସମସ୍ତ ସୁରକ୍ଷା ନିୟମ ମାନିବା, ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତି ମଜବୁତ କରିବା ପାଇଁ ସେଠାକାର ସାମଗ୍ରୀ କିଣିବା, ଯାତ୍ରାରୁ ଫେରିବା ପରେ ନିଜ ପ୍ରିୟଜନଙ୍କ ନାଁରେ ଗୋଟିଏ ଗଛ ଲଗାଇବା ଏବଂ ସମ୍ପୂର୍ଣ୍ଣ ଯାତ୍ରା ସମୟରେ ପରସ୍ପର ମଧ୍ୟରେ ଭାଇଚାରା ଓ ଏକତା ବଜାୟ ରଖିବା ସାମିଲ ରହିଛି।

## ୧୦ରେ ମୋଦିଙ୍କ ନ୍ୟୁଜିଲାଣ୍ଡ ଗସ୍ତ



ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୧୦ ତାରିଖରେ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ମୋଦୀ ପ୍ରଥମ ଥର ନ୍ୟୁଜିଲାଣ୍ଡ ଗସ୍ତ କରିବେ। ଗତ ୪୦ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ ହେବ। ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଶୁକ୍ରବାର ଘୋଷଣା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତା ସପ୍ତାହରେ ତାଙ୍କର ପ୍ରଥମ ସରକାରୀ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବେ। ଲକ୍ସନ କହିଛନ୍ତି ଯେ, ନ୍ୟୁଜିଲାଣ୍ଡ-ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସହିତ ଦୁଇ ଦେଶ ସେମାନଙ୍କ ସମ୍ପର୍କକୁ ପରବର୍ତ୍ତୀ ସ୍ତରକୁ ନେଇଯିବେ। ଏହାଦ୍ୱାରା ନ୍ୟୁଜିଲାଣ୍ଡରେ ଅଧିକ ନିଯୁକ୍ତି, ଅଧିକ ରପ୍ତାନୀ ଓ ଅଧିକ ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି କହିଛନ୍ତି। ଲକ୍ସନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୧୦ ତାରିଖରେ ଅକଲାଣ୍ଡରେ ପହଞ୍ଚିବେ ଓ ତା'ପର ଦିନ ଭାରତ ଫେରିବେ। ଭାରତ ଓ ନ୍ୟୁଜିଲାଣ୍ଡ ଚଳିତ ବର୍ଷ ଏପ୍ରିଲ ୨୭ ତାରିଖରେ ନୂଆଦିଲ୍ଲୀଠାରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ।

### ● ଉତ୍ତେଜନାପୂର୍ଣ୍ଣ କଥାରୁ ପତ୍ନୀହତ୍ୟା
## ଅଭିଯୁକ୍ତଙ୍କ ଦଣ୍ଡହ୍ରାସ କଲେ ହାଇକୋର୍ଟ

**ଭୋପାଳ,୩।୭:** ମଧ୍ୟ ପ୍ରଦେଶ ହାଇକୋର୍ଟ ଆସନ୍ନ ପ୍ରସବା ପତ୍ନୀଙ୍କ ହତ୍ୟା ଅଭିଯୁକ୍ତ ସ୍ୱାମୀଙ୍କ ଆଜୀବନ କାରାଦଣ୍ଡକୁ ହ୍ରାସକରି ତାହାକୁ ୭ ବର୍ଷ ଜେଲ ଦଣ୍ଡାଦେଶରେ ସୀମିତ କରିଛନ୍ତି। ପତିପତ୍ନୀଙ୍କ ଝଗଡ଼ା ବେଳେ 'ମୁଁ ତୋ ପରି ହଜାରେ ସ୍ୱାମୀ ରଖିପାରିବି' ବୋଲି ପତ୍ନୀ ଦେଇଥିବା ମନ୍ତବ୍ୟରେ ଉତ୍‌କ୍ଷିପ୍ତ ହୋଇ ଛିନ୍ଦୱାଡ଼ାର ଚୌରାଇ ବ୍ଲକ ବାସିନ୍ଦା ଶିବ କହର ତାଙ୍କ ସ୍ତ୍ରୀ କିରଣଙ୍କୁ ୨୦୨୧ ମସିହା ସେପ୍ଟେମ୍ବର ୧୮ ତାରିଖରେ ପଥରରେ ଛେଚି ହତ୍ୟା କରିଥିଲେ। ହାଇକୋର୍ଟ କହିଛନ୍ତି ଯେ, ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ନଥିଲା। ପତ୍ନୀଙ୍କର ଏଭଳି କଥା ଜଣେ ସ୍ୱାମୀର ଗରିମା ଓ ସ୍ୱାଭିମାନ ଉପରେ ଗଭୀର ଆଘାତ ଆଣିଥିଲା। ପାରମ୍ପରିକ ଭାରତୀୟ ସମାଜରେ ଏଭଳି ଶବ୍ଦ ଜଣେ ପୁରୁଷକୁ ମାନସିକସ୍ତରରେ ବିଚଳିତ କରିବା ପାଇଁ ଯଥେଷ୍ଟ। ପତ୍ନୀଙ୍କ କଥାରେ ହଠାତ୍ ନିୟନ୍ତ୍ରଣ ହରାଇ ଅଭିଯୁକ୍ତ ଶିବ କହର ଏଭଳି ଘଟଣା ଘଟାଇଥିବାରୁ ମଧ୍ୟପ୍ରଦେଶ ଉଚ୍ଚନ୍ୟାୟାଳୟ ଉକ୍ତ ମାମଲାକୁ 'ହତ୍ୟା' ଶ୍ରେଣୀରୁ ହଟାଇ ଦେଇଛନ୍ତି ଓ ନିମ୍ନ ଅଦାଲତ ଦେଇଥିବା ଆଜୀବନ କାରାଦଣ୍ଡାଦେଶକୁ ହ୍ରାସକରି ତାହାକୁ ୭ବର୍ଷରେ ସୀମିତ ରଖିଛନ୍ତି। ସୂଚନାଯୋଗ୍ୟ ଯେ, ପତ୍ନୀଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଅଭିଯୁକ୍ତ ଶିବ କହର ନିଜ ଶ୍ୱଶୁର ଘରକୁ ଜଣାଇବା ସହ ସ୍ଥାନୀୟ ଥାନାକୁ ଫୋନ୍ କରି ନିଜେ ଘଟାଇଥିବା ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ମାମଲାରେ ନିମ୍ନ ଅଦାଲତ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଥିଲେ।

### ସିନ୍ଧୁ ଜଳସନ୍ଧି ନେଇ ଭାରତର ଆଭିମୁଖ୍ୟ ସ୍ଥିର
## ପାକ୍ ଧମକର ଜବାବ ଦେଲା ଭାରତ



**ନୂଆଦିଲ୍ଲୀ,୩।୭:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଭାରତ ସରକାର ସିନ୍ଧୁ ଜଳ ସନ୍ଧି ସମାପ୍ତ କରିଦେଇଛନ୍ତି। ତେବେ ଏହି ପ୍ରସଙ୍ଗକୁ ନେଇ ପାକିସ୍ତାନ ଲଗାତାର ଭାରତକୁ ଧମକ ଦେଉଛି। ପାକିସ୍ତାନ ଧମକର ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ(ଏମଇଏ) ଶୁକ୍ରବାର ଜବାବ ରଖିଛନ୍ତି। ମାମଲାରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଯାଇ ଏମଇଏ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ଏବେ ବି ସେଇଆ ରହିଛି ଯାହା ପୂର୍ବରୁ ଥିଲା। ସେ କହିଛନ୍ତି ଏହି ସନ୍ଧି ପାକିସ୍ତାନ ପକ୍ଷରୁ ଜାରି ଆତଙ୍କବାଦ କାରଣରୁ ଅଟକି ରହିଛି। ରଣଧୀର ଜୟସ୍ୱାଲ ଶୁକ୍ରବାର ପ୍ରେସ୍ ବ୍ରିଫିଂରେ କହିଛନ୍ତି ଯେ ସିନ୍ଧୁ ଜଳସନ୍ଧିକୁ ନେଇ ଭାରତର ଆଭିମୁଖ୍ୟ ସ୍ଥିର ଓ ସ୍ପଷ୍ଟ। ପାକିସ୍ତାନ ଦ୍ୱାରା ସୀମାପାର ଆତଙ୍କବାଦକୁ ଲଗାତାର ପ୍ରୋତ୍ସାହନ ଦିଆଯାଉଥିବା କାରଣରୁ ସିନ୍ଧୁ ଜଳସନ୍ଧି (ଆଇଡବ୍ଲ୍ୟୁଟି) ଅଟକି ରହିଛି। ଏଣୁ ପାକିସ୍ତାନକୁ ସୀମାପାର ଆତଙ୍କବାଦକୁ ନିର୍ଭରଯୋଗ୍ୟ ଓ ଦୃଢ଼ ଭାବେ ଛାଡିବାକୁ ପଡିବ। ଉଲ୍ଲେଖ ଯୋଗ୍ୟ ଯେ ଏହି ସନ୍ଧି ମାଧ୍ୟମରେ ଭାରତରୁ ପାକିସ୍ତାନ ଅଧିକମାତ୍ରାରେ ଜଳ ପାଉଥିଲା। ପାକିସ୍ତାନ କୃଷିର ଏକ ବଡ଼ ଅଂଶ ଏହି ସନ୍ଧି ଅନୁସାରେ ସିନ୍ଧୁ ନଦୀ ଉପରେ ନିର୍ଭରଶୀଳ। ଏଣୁ ଜଳସନ୍ଧିକୁ ଭାରତ ସମାପ୍ତ କରିଦେଇଥିବାରୁ ଆର୍ଥିକ ରୂପେ ବୁଡୁଥିବା ପାକିସ୍ତାନକୁ ଚିନ୍ତା ଘାରିଲାଣି।


## କ୍ୟାଫେରେ ବିସ୍ଫୋରଣ, ୯ ମୃତ

**ଦମାସକସ୍,୩।୭:** ସିରିଆର ରାଜଧାନୀ ଦମାସକସ୍ଠର ଏକ କ୍ୟାଫେରେ ଭୟଙ୍କର ବିସ୍ଫୋରଣ ଘଟିଛି। ବିସ୍ଫୋରଣର ପ୍ରଭାବ ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ହିଁ ୯ ଜଣଙ୍କ ମୃତ୍ୟୁ ଘଟିଛି। ଏହାସହ ୨୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ବିସ୍ଫୋରଣ ପରେ ଉଦ୍ଧାରକାରୀ ଦଳ ଓ ସୁରକ୍ଷାକର୍ମୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ମନ୍ତ୍ରଣାଳୟ କହିଛି ଯେ ବିସ୍ଫୋରଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ ସୁରକ୍ଷା ଏଜେନ୍ସି ଘଟଣାର ତଦନ୍ତ ଆରମ୍ଭ କରିଛି। ସୁରକ୍ଷା ବାହିନୀ ତୁରନ୍ତ କାଫେରେ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରିଦେଇଛି। ଘଟଣା ପରେ ସମଗ୍ର ଦମାସକସ୍‌ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିସ୍ଫୋରଣର ପ୍ରକୃତ କାରଣ ଓ ଏହା ପଛରେ କାହାର ହାତ ରହିଛି, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଦମାସ୍କସ୍ ରାଜ୍ୟପାଳ ମାହେର ଇଡଲିବି କହିଛନ୍ତି ଯେ ଗୃହ ମନ୍ତ୍ରଣାଳୟ ଖୁବ୍ ଶୀଘ୍ର ଏହାର ପ୍ରାଥମିକ ତଦନ୍ତର ଫଳାଫଳ ଘୋଷଣା କରିବ। ଇଡଲିବି କହିଛନ୍ତି ଯେ ଦାୟୀ ଲୋକଙ୍କୁ ଛଡାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ଆମେରିକା ବିଶ୍ୱକପ୍ ଜିତିଲେ ଚନ୍ଦ୍ରକୁ ଫୁଟବଲ ପଠାଇବ ନାସା

**ୱାଶିଂଟନ,୩।୭:** ଚଳିତ ୨୦୨୬ ଫିଫା ବିଶ୍ୱକପ୍‌ରେ ଆମେରିକା ଦଳର ବିଜୟ ପାଇଁ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଏକ ଅଦ୍ଭୁତ ଏବଂ ରୋମାଞ୍ଚକର ପ୍ରତିଶ୍ରୁତି ଦେଇଛି। ଯଦି ଆମେରିକା ପୁରୁଷ ଫୁଟବଲ ଦଳ ଚଳିତ ବିଶ୍ୱକପ ଟ୍ରଫି ହାସଲ କରେ, ତେବେ ସଂସ୍ଥା ପକ୍ଷରୁ ଚନ୍ଦ୍ରପୃଷ୍ଠକୁ ଏକ ଫୁଟବଲ ପଠାଯିବ ବୋଲି ନାସାର ପ୍ରଶାସକ ଜାରେଡ ଆଇଜାକ୍‌ମ୍ୟାନ ଘୋଷଣା କରିଛନ୍ତି। ଚନ୍ଦ୍ରପୃଷ୍ଠରେ ନାସାର ଆଗାମୀ ବେସ୍ ବା ଆବାସିକ ପ୍ରକଳ୍ପର ରୂପରେଖ ଉନ୍ମୋଚନ ଅବସରରେ ସେ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଯାଇ କହିଛନ୍ତି, 'ଏହା ଆମେରିକା ଦଳ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ, ଆପଣମାନେ



କେବଳ ପଡ଼ିଆରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ, ଚନ୍ଦ୍ରକୁ ବଲ୍ ପଠାଇବା ଦାୟିତ୍ୱ ଆମର।' ନାସାର ଏହି ଯୋଜନା ପଛରେ ମହାକାଶ ଇତିହାସର ଏକ ସ୍ମରଣୀୟ ଘଟଣା ଜଡ଼ିତ ରହିଛି। ୧୯୭୧ ମସିହାରେ ଆପୋଲୋ-୧୪ ଅଭିଯାନ ସମୟରେ ଆମେରିକୀୟ ମହାକାଶଚାରୀ ଆଲାନ ସେପାର୍ଡ ଗୋପନରେ ଚନ୍ଦ୍ରପୃଷ୍ଠକୁ ଏକ ଗଲ୍ଫ କ୍ଲବ ଏବଂ ଦୁଇଟି ଗଲ୍ଫ ବଲ ନେଇଯାଇଥିଲେ ଏବଂ ସେଠାରେ ଗଲ୍ଫ ଖେଳିଥିଲେ। ନାସା ମୁଖ୍ୟ ଆଇଜାକ୍‌ମ୍ୟାନ୍ କହିଛନ୍ତି, ଏଥର ଆମେରିକା ଦଳ ବିଶ୍ୱକପ ଜିତିଲେ ସେମାନେ ଚନ୍ଦ୍ରପୃଷ୍ଠକୁ ଅସଲି ଫୁଟବଲ ପଠାଇ ଆଲାନ ସେପାର୍ଡଙ୍କ ରେକର୍ଡଠାରୁ ଆଉ ପାଦେ ଆଗକୁ ଯିବେ। ଆମେରିକା, ମେକ୍ସିକୋ ଓ କାନାଡ଼ାର ମିଳିତ ଆୟୋଜନରେ ଚାଲିଥିବା ଏହି ଫୁଟବଲ ମହାକୁମ୍ଭରେ ଆମେରିକୀୟ ପୁରୁଷ ଦଳ ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ନାସାର ମୁନ ବେସ୍ (ଚନ୍ଦ୍ର ଆବାସ) ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର କାର୍ଲୋସ ଗାର୍ସିଆ-ଗାଲାନ ଏହି ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମେରିକା ବିଶ୍ୱବିଜେତା ହେଲେ ନାସାର ଆଗାମୀ ମହାକାଶ ଯାନରେ ବୈଜ୍ଞାନିକ ଯନ୍ତ୍ରପାତି ସହିତ ଏହି ଫୁଟବଲକୁ ପଠାଇବା ପାଇଁ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯିବ। ଫୁଟବଲର ଓଜନ ବହୁତ କମ୍ ହୋଇଥିବାରୁ ଏହାକୁ ଚନ୍ଦ୍ରକୁ ନେବାରେ କୌଣସି ବୈଷୟିକ ସମସ୍ୟା ହେବ ନାହିଁ। ତେବେ ଏହା ପୂର୍ବରୁ ଖେଳାଳିମାନଙ୍କୁ ପଡ଼ିଆରେ କଠିନ ପଥ ଅତିକ୍ରମ କରିବାକୁ ହେବ ବୋଲି ସେ ହସି ହସି କହିଛନ୍ତି।

# ଘାଟିସାହି ବାଙ୍କରେ ମଦ ଦୋକାନକୁ ବିରୋଧ

## ଅନ୍ୟତ୍ର ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ ସହ ରାସ୍ତାରୋକ ଚେତାବନୀ



ଫୁଲବାଣୀ,୩।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଘାଟିସାହି ବାଙ୍କ ବୁଲାଣି ରାସ୍ତାରେ ନୂତନ ଭାବରେ ବିଦେଶୀ ମଦ ଖୋଲିବାକୁ ନେଇ ପ୍ରବଳ ବିରୋଧ କରାଯାଉଥିବା ଦେଖିବାକୁ ମିଳିଥିବା ବେଳେ ଏହି ବିଦେଶୀ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ ସହ ରାସ୍ତା ରୋକ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି ସ୍ଥାନୀୟ ଅଞ୍ଚଳ ବାସି ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ।

ବର୍ତ୍ତମାନ ଫିରିଙ୍ଗିଆ ବ୍ଲକରେ ପ୍ରବଳ ମାତ୍ରାରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ନିଘୋଡ଼ ନିଦରେ ଶୋଇଛି। ଫଳରେ ଫିରିଙ୍ଗିଆ ଅଞ୍ଚଳରେ ଦୈନିକ ଦୁର୍ଘଟଣା ଘଟିବା ସହ ବହୁ ଧନଜୀବନ କ୍ଷତି ହେଉଛି। ପୁଣି ଏକ ମଦ ଦୋକାନ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଘାଟି ସାହି ବୁଲାଣି ରାସ୍ତାରେ ଖୋଲୁ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ମୁତାବକ ଏହି ଘାଟି ଓ ବୁଲାଣି ରାସ୍ତାରେ ବିଦେଶୀ ମଦ ଦୋକାନ ଖୋଲିଲେ ପ୍ରତିଦିନ ଦୁର୍ଘଟଣା ଘଟିବାକୁ କେହି ଏଡାଇ ପାରିବେ ନାହିଁ। ତେଣୁ ମଦ ଦୋକାନ ଖୋଲିଲେ ମଧ୍ୟ ଏହି ଜାଗାରେ ନ କରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି।

ତେବେ ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ଦାବି କରିଥିବା ବେଳେ ଅଞ୍ଚଳରେ ଦେଶୀ ମଦ ବିକ୍ରି ହେଉଥିବା ଏବଂ ଲୁଚା ଛପାରେ ବିକ୍ରି ହେଉଥିବା ମଦ ଉପରେ ମଧ୍ୟ ଅବକାରୀ ବିଭାଗ ଗୁରୁତ୍ୱ ଦେବାକୁ ମହିଳାମାନେ ଦାବି କରିଛନ୍ତି। ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଦୈନିକ ହଜାର ହଜାର ଲିଟର ମଦ ହେଉଥିବା ବେଳେ ଅବକାରୀ ବିଭାଗର କିଛି କର୍ମଚାରୀ ମାସିକ ଚାନ୍ଦା ନେଇ ମଦ ବିକ୍ରୀକୁ ସହଯୋଗ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ମଦ ଦୋକାନ ସ୍ଥାନାନ୍ତର ଏବଂ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳରୁ ମଦ ବିକ୍ରି ବନ୍ଦ ନ କଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ମହିଳା ମହାସଂଘ ନେତ୍ରୀ ମାମୁନି ପ୍ରଧାନ କହିଛନ୍ତି।

ଅନ୍ୟପଟେ ଏହି ମଦ ବିରୋଧି ଆନ୍ଦୋଳନରେ ଫିରିଙ୍ଗିଆ, ଖକୁରି ପଡା, ଘାଟି ସାହି, ଉପର ପଡା, ନାହାଣା ଗାଁ, ନୂଆପଡା, ବିଞ୍ଜେରୀ ପଡା, ବଜାର ସମେତ ବିଭିନ୍ନ ଅଞ୍ଚଳର ମହିଳାମାନେ ଫିରିଙ୍ଗିଆ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରିଥିବା ବେଳେ ଜିଲ୍ଲାପାଳ, ଅବକାରୀ ଅଧିକ୍ଷକଙ୍କ ସହ ପ୍ରତ୍ୟେକ ବିଭାଗରେ ମଧ୍ୟ ଲିଖିତ ଭାବରେ ଜଣାଇଥିବା ମହିଳା ମହାସଂଘ ନେତ୍ରୀଙ୍କ ସହ ଅନ୍ୟମାନେ କହିଛନ୍ତି।

## ବିଜେପିର ପ୍ରଶିକ୍ଷଣ ସହ ମିଶ୍ରଣ ପର୍ବ



ନବରଙ୍ଗପୁର/ଉମରକଟ,୩।୭ (ସଂଚାର ବ୍ୟୁରୋ): ୨୦୨୬ ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଉମରକଟ ଭାଜପା କାର୍ଯ୍ୟାଳୟ ଠାରେ ଏକ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ହୋଇ ଯାଇଛି। ଏଥିରେ ନିର୍ବାଚନ ମଣ୍ଡଳୀର ପ୍ରାୟ ଦୁଇ ଶହରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତାଙ୍କୁ ଟ୍ରେନିଂ ଦିଆଯାଇଥିଲା ଆଗାମି ପଞ୍ଚାୟତ ଓ ପୌରନିର୍ବାଚନରେ ପାର୍ଟି କିପରି ବିପୁଳ ସଂଖ୍ୟାରେ ବିଜୟ ହାସଲ କରିବ ଏବଂ ଏହାର ରଣନୀତି କିପରି ରହିବ ଏହା ବିଷୟରେ ନେତୃବୃନ୍ଦ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ କେନ୍ଦ୍ରର ୧୨ ବର୍ଷ ଏବଂ ରାଜ୍ୟର ୨ବର୍ଷର ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚିଇ ଭାଜପା ପ୍ରତି ଲୋକଙ୍କ ଭଲପାଇବା ସାଉଁଟିବା ଏବିଷୟରେ କୁହାଯାଇଥିଲା। ପ୍ରଶିକ୍ଷଣ ପରେ ଏକ ମିଶ୍ରଣପର୍ବର ଆୟଜନ କରାଯାଇଥିଲା। ଭାଜପା ସରକାରରେ ଜନ କଲ୍ୟାଣକାରୀ ନୀତି, ଆଦର୍ଶ ଓ ଶିଦ୍ଧାନ୍ତବାଦ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଆଜି ନଗର ମଣ୍ଡଳର ବିଭିନ୍ନ ୱାର୍ଡର ୩୫ରୁ ଉର୍ଦ୍ଧ୍ୱ ନୂଆ କାର୍ଯ୍ୟାକର୍ତ୍ତା ସହ କିଛି କଂଗ୍ରେସ ଓ ବିଜେଡି ଛାଡିଥିବା କର୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭାଜପାର ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀଙ୍କ ଉପସ୍ଥିତିରେ ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳା କରିଥିଲେ।

## ବିଜେପି ପକ୍ଷରୁ ଡିଜିଟାଲ ଲର୍ନିଙ୍ଗ ପ୍ଲାଟଫର୍ମ ଅଭିଯାନ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ




ସୁନ୍ଦରଗଡ଼, ୩।୭ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ଭାଜପା କାର୍ଯ୍ୟାଳୟ ଭୋଜପୁର ଠାରେ ସରଳ ଆପ ମାଧ୍ୟମରେ ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ କର୍ମଶାଳା ଓ ସାଙ୍ଗଠନିକ ବୈଠକ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥି, ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ଅଭିଯାନର ଜିଲ୍ଲା ପ୍ରଭାରୀ ସୁଜିତ ସିଂ, ରାଜ୍ୟ ଉପସଭାପତି ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ସମ୍ବୋଧିତ କରିଥିଲେ।

ବକ୍ତାମାନେ ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ଅଭିଯାନର ସଫଳ ରୂପାୟନ, ସରଳ ଆପର ଉପଯୋଗୀ,ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ୍ ମାସିକ ବୃତ୍ତ ବୈଠକ, ମନ୍ କି ବାତ, ଏସଆଇଆର କାର୍ଯ୍ୟକ୍ରମ ଏବଂ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୁନ ୨୩ ତାରିଖ ବଳିଦାନ ଦିବସରୁ ଜୁଲାଇ ୬ ତାରିଖ ଜନ୍ମ ଜୟନ୍ତୀ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ କୁତ୍ରା ବ୍ଲକର ପୂର୍ବତନ ବିଜେଡି ସଭାପତି ଅର୍ଜୁନ ଜୟପୁରିଆ, ରାଜଗାଙ୍ଗପୁର ବ୍ଲକ ପୂର୍ବତନ ବ୍ଲକ ସଭାପତି ରାମନାଥ କିସପଟ୍ଟା, କୁତ୍ରା ବ୍ଲକ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଟିକେଶ୍ୱର ବାର୍ଲା, କୁତ୍ରା ବ୍ଲକ ବିଜେଡି ନେତା ପୁରବନ୍ଦନ ଜୟପୁରିଆ ଏବଂ ସମାଜସେବୀ ଦିଲ୍ଲୀପ କୁମାର ପଟ୍ଟା ଭାଜପାର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ମଞ୍ଚାସୀନ ଅତିଥିବୃନ୍ଦ ଦଳୀୟ ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ ଓ ସମ୍ମାନିତ କରିଥିଲେ।

## ୭୭ତମ ବନ ମହୋତ୍ସବ ପାଳିତ




ନୀଳଗିରି, ୩।୭ (ସଂଚାର ବ୍ୟୁରୋ): ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ଅଧିନସ୍ଥ ପଞ୍ଚଲିଙ୍ଗେଶ୍ୱର ଉଚ୍ଚ ନୋଡାଲ ବିଦ୍ୟାଳୟ ଠାରେ ଆଜି ସକାଳ ୮ ଘଟିକା ସମୟରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନଙ୍କ ତ୍ତ୍ୱାବଧାନରେ କୁଲଡିହା ରେଞ୍ଜର ସୌମ୍ୟରଞ୍ଜନ ମାଝୀ, ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠୀ, ୨ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ସମିତି ସଭ୍ୟ ଭୋଳାନାଥ ମାଝୀ, ପରିବେଶବିତ୍ ମନୋରଞ୍ଜନ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ପରିଡା, ଉଃ ପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ଚୌଧୁରୀ, ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଙ୍କ ଉପସ୍ଥିତରେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ ବିଷୟରେ ଆଲୋଚନା କରାଯାଇଥିଲା ।ଏହାକୁ ଏକ ନାଟକୀୟ ଢଙ୍ଗରେ ଛାତ୍ର ଛାତ୍ରୀଙ୍କ ଦ୍ୱାର ଜଙ୍ଗଲ ସୁରକ୍ଷା, ଓ ବୃକ୍ଷ ରୋପଣ ବିଷୟବସ୍ତୁକୁ ନେଇ ପରିବେଷଣ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିସରରେ ୧୦୦ଟି ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇଥିଲା।

### ପୋଡ଼ମପେଟା ସମୁଦ୍ର କୂଳ ଲଙ୍ଘିବା ଘଟଣା

## ତ୍ରିପାକ୍ଷିକ ବୈଠକ ପରେ ପ୍ରଶାସନର ତ୍ୱରିତ ପଦକ୍ଷେପ

**ପରିଦର୍ଶନ ଓ ରିପୋର୍ଟ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

**ବିପଦପୂର୍ଣ୍ଣ ଅଞ୍ଚଳରେ ସତର୍କତା ଜାରି**



ଛତ୍ରପୁର, ୩।୭ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୁରୁଣା ପୋଡ଼ମପେଟା ଗାଁ ପ୍ରାୟ ସମ୍ପୂର୍ଣ୍ଣ ଭାବେ ସମୁଦ୍ର ଗର୍ଭରେ ଲୀନ ହୋଇସାରିଛି। ଦୀର୍ଘ ବର୍ଷ ଧରି ସମୁଦ୍ର କୂଳ କ୍ଷୟ ଯୋଗୁଁ ଗାଁର ପ୍ରାୟ ୯୫ ପ୍ରତିଶତ ଅଂଶ ସମୁଦ୍ରରେ ମିଶିଯାଇଥିବା ବେଳେ, ଏବେ ସମୁଦ୍ରର କରାଳ ରୂପ ପାଳି ତଳିଆ ଅଞ୍ଚଳ ଆଡ଼କୁ ଦ୍ରୁତ ଗତିରେ ମାଡ଼ି ଆସୁଛି। ଫଳରେ ଆଖପାଖର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ବିପଦ ଜଳଜଳ ଦେଖାଯାଉଛି।

ବିଶେଷକରି କଣ୍ଟିଆଗଡ଼, ଖଟୁଆକୁଦା, ନୀଳାଦ୍ରିପୁର ସମେତ ପାଳିବନ୍ଧ ଓ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ଅନେକ ଉପକୂଳବର୍ତ୍ତୀ ଗାଁ ଗୁରୁତର ବିପଦ ମୁହାଁରେ ରହିଛି। ବର୍ତ୍ତମାନର ସମୁଦ୍ର କୂଳ କ୍ଷୟ ଏଭଳି ଜାରି ରହିଲେ ଆଗାମୀ ଦିନରେ ଏହି ଅଞ୍ଚଳଗୁଡ଼ିକ ଭୟଙ୍କର ଭାବେ ପ୍ରଭାବିତ ହେବା ସହ ଜନବସତି, ଚାଷଜମି ଓ ଜୀବନଜୀବିକା ଉପରେ ଗଭୀର ସଙ୍କଟ ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି।

ଏହି ଘଟଣାକୁ ନେଇ ସ୍ଥାନୀୟ ବିଧାୟକ ଗତକାଲି ଗଭୀର ଉଦ୍‌ବେଗ ପ୍ରକାଶ କରି ସମୁଦ୍ର କୂଳ କ୍ଷୟର ଭୟାବହ ସ୍ଥିତି ଉପରେ ମୁଖ୍ୟମନ୍ତ୍ରୀଙ୍କ ତ୍ୱରିତ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାପରେ ଆଜି ବିଧାୟକଙ୍କ ଉପସ୍ଥିତିରେ, ଜିଲ୍ଲାପାଳ- ଗ୍ରାମବାସୀ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହ ତ୍ରିପାକ୍ଷିକ ଆଲୋଚନା କରି ସମସ୍ୟାର ସମୀକ୍ଷା କରିଥିଲେ।

ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏକ ପ୍ରତିନିଧି ଦଳକୁ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ବାସ୍ତବ ସ୍ଥିତି ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମୁଦ୍ର କୂଳ କ୍ଷୟର କାରଣ ଓ ସ୍ଥାୟୀ ପ୍ରତିକାର ପାଇଁ ଡିପିଆର୍ ପ୍ରସ୍ତୁତ କରି ଶୀଘ୍ର ଦାଖଲ କରିବାକୁ ଜଳ ସମ୍ପଦ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନ ଜେସିବି ସହାୟତାରେ ବିପଦପୂର୍ଣ୍ଣ ସ୍ଥାନକୁ ସିଲ୍ କରିଥିବା ବେଳେ, ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଉକ୍ତ ଅଞ୍ଚଳକୁ ନ ଯିବା ପାଇଁ ସତର୍କ କରାଯାଇଛି।

## ବିଧାୟକଙ୍କ ଦ୍ୱାରା ପାଣିକୋଇଲି ପଞ୍ଚାୟତରେ ୬୩ଟି ପ୍ରକଳ୍ପର ଶିଳାନ୍ୟାସ



ଯାଜପୁର ରୋଡ୍, ୩।୭(ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀର ପାଣିକୋଇଲି ପଂଚାୟତରେ ବିକାଶ ଧାରାକୁ ଆହୁରି ଗତିଶୀଳ କରିବା ପାଇଁ ଜନପ୍ରିୟ ବିଧାୟକ ତଥା ଯାଜପୁର ଜିଲ୍ଲାର ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକ ବଡ଼ ପଦକ୍ଷେପ ନେଇଛନ୍ତି। ଏହି ଗ୍ରାମପଂଚାୟତର ବିକାଶ ନିମନ୍ତେ ମୋଟ ୬୩ଟି ପ୍ରକଳ୍ପ ପାଇଁ ଆଠ କୋଟି ଟଙ୍କା ଅର୍ଥ ମଂଜୁର କରିଅଛନ୍ତି। ମଂଜୁର ଅର୍ଥରାଶିର ଏହି ପ୍ରକଳ୍ପ ଗୁଡ଼ିକୁ ଆଜି ଆକାଶ ଦାସନାୟକଙ୍କ କରକମଳରେ ଶୁଭ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପ ଗୁଡିକ ହେଲେ ପାଣିକୋଇଲି ଗ୍ରାମପଂଚାୟତର ଗମନାଗମନ, ଶିକ୍ଷା, ପାନୀୟଜଳ କ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ନେତା ଶ୍ରୀ ପ୍ରକାଶ ଧଳ, ପ୍ରମୋଦ ବଳ, ନାରୀନେତ୍ରୀ ଦିପ୍ତିମୟୀ କୁଅଁର ପ୍ରମୁଖଙ୍କ ସମେତ ପଂଚାୟତର ସରପଂଚ, ସମିତି ସଭ୍ୟ ଓ ବହୁ ସଂଖ୍ୟାରେ ବିଜେପି କର୍ମୀ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ସ୍ୱର୍ଗତ ଲାକେ ପଡ଼ିଆମୀଙ୍କ ପରିବାରକୁ ମିଳିଲା ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଜମି ପଟ୍ଟା



ମାଲକାନଗିରି, ୩।୭ (ସଂଚାର ବ୍ୟୁରୋ): ରାଖେଲଗୁଡ଼ା ଗ୍ରାମର ସ୍ୱର୍ଗତ ଲାକେ ପଡ଼ିଆମୀଙ୍କ ପରିବାରକୁ ନ୍ୟାୟ ଓ ଆଇନଗତ ଅଧିକାର ପ୍ରଦାନ ଦିଗରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଆଜି ନିଜ କାର୍ଯ୍ୟାଳୟରେ ସ୍ୱର୍ଗତ ଲାକେ ପଡ଼ିଆମୀଙ୍କ ନିକଟତମ ସମ୍ପର୍କୀୟ ରବି ପଡ଼ିଆମୀ ଓ ମୁକା ପଡ଼ିଆମୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପ୍ରମାଣପତ୍ର ଏବଂ ଜମିର ପଟ୍ଟା ଆନୁଷ୍ଠାନିକ ଭାବେ ହସ୍ତାନ୍ତର କରିଛନ୍ତି। ଏହି ସମଗ୍ର ପ୍ରକ୍ରିୟାରେ ଜିଲ୍ଲା ପ୍ରଶାସନ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଅଞ୍ଚଳରେ ସାମାଜିକ ସଦଭାବନା ଓ ସ୍ଥିରତା ବଜାୟ ରଖିବା ସହିତ ପୀଡ଼ିତ ପରିବାରକୁ ସମସ୍ତ ସରକାରୀ ସହାୟତା ଓ ନ୍ୟାୟ ପ୍ରଦାନ କରିବା ଦିଗରେ ପ୍ରଶାସନିକ ଅଧିକାରୀମାନେ ନିରନ୍ତର କାର୍ଯ୍ୟ କରିଛନ୍ତି। ପ୍ରଶାସନର ଏହି ସକ୍ରିୟ ପଦକ୍ଷେପ ଯୋଗୁଁ ସମସ୍ତ ଆଇନଗତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପନ୍ନ ହୋଇପାରିଛି।ଏହି ପୀଡ଼ିତ ପରିବାରକୁ ସେମାନଙ୍କର ପ୍ରାପ୍ୟ ଆଇନଗତ ଅଧିକାର ପ୍ରଦାନ କରିବା ସହ ଅଞ୍ଚଳରେ ସ୍ଥାୟୀ ସନ୍ତୁଳନ, ଶାନ୍ତି ଏବଂ ପରିବାରର ସୁରକ୍ଷିତ ଭବିଷ୍ୟତ ଦିଗରେ ଏକ ବଡ଼ ଆଶ୍ୱାସନା ସୃଷ୍ଟି କରିଛି।

## କୁଡୁମାଲୀ ଚଳଚ୍ଚିତ୍ର 'ଝୁମର ରାଜା ଝୁମର ରାଣୀ'ର ଶୁଭମହୁରତ



ବେତନଟୀ, ୩।୭(ସଂଚାର ବ୍ୟୁରୋ): କୁଡୁମାଲୀ ଚଳଚ୍ଚିତ୍ର ଝୁମର ରାଜା ଝୁମର ରାଣୀର ଶୁଭମହୁରତ କାର୍ଯ୍ୟକ୍ରମ ବେତନଟୀ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। କୁଡ୍ମି ସେନାର ଜିଲ୍ଲା ସଭାପତି ତଥା ସମାଜସେବୀ ଡମ୍ବରୁଧର ମହାନ୍ତଙ୍କ ମଞ୍ଚ ପରିଚାଳନା ଓ ଜଗଦିଶ ମହାନ୍ତଙ୍କ ସଭାପତିତ୍ୱରେ ଶୁଭମହୁରତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶକ୍ତିମାନ ଜିମ୍ନାସିୟମ ଲଙ୍ଗଳକଟାର ପ୍ରତିଷ୍ଠାତା ବରିଷ୍ଠ ବିଜେପି ନେତା ପରେଶ ଚନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତା ଭାବରେ ଆଦିବାସୀ କୁଡ୍ମି ସମାଜର କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋଜ କୁମାର ମହାନ୍ତ ଓ ସମ୍ମାନିତ ଅତିଥି ଭାବରେ ବିଜେପିର ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା ପ୍ରମୁଖ ଯୋଗଦାନ କରି ଶୁଭ ମହୁରତ କରିଥିଲେ।

ଏଥିରେ ନାୟକ ଓ ନାୟିକା ଭୂମିକାରେ ରହିଛନ୍ତି ଝୁମର ଜଗତର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଗୌତମ ମହାନ୍ତ ଓ ପମି ମହାନ୍ତ। ସ୍ୱତନ୍ତ୍ର ଭାବରେ କୁଡୁମାଲୀ ଚଳଚ୍ଚିତ୍ର ନିର୍ମାଣ କରୁଥିବାରୁ ଫିଲ୍ମର ନିର୍ମାତା ତଥା ନିର୍ଦ୍ଦେଶକ ଯଶ ବର୍ମନ ପଣ୍ଡାଙ୍କୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହିତ ଚଳଚ୍ଚିତ୍ର ନିର୍ମାଣରେ ଅନନ୍ୟ ସହଯୋଗୀ ଡାଇରେକ୍ଟର ସୁନିଲ ସାହୁ, ଆସିଷ୍ଟାଣ୍ଟ ଡାଇରେକ୍ଟର ଦେବରଞ୍ଜନ ମହାନ୍ତ, ପ୍ରଡ୍ୟୁସର ରଶ୍ମିରଞ୍ଜନ, ଚିତ୍ରନାଟ୍ୟ ଓ ସଂଳାପ ଗୁରୁଦେବ ମହାନ୍ତ, ମ୍ୟୁଜିକ ଯଶ ବର୍ମନ ପଣ୍ଡା, ପ୍ରଡକ୍ସନ ମ୍ୟାନେଜର ମନୋଜ କୁମାର ମହାନ୍ତ(ଏମକେଏମ), ଲଳିତ କୁମାର ମହାନ୍ତ ଓ ସିନିୟର ଆର୍ଟିଷ୍ଟ ଦେବେନ୍ଦ୍ରନାଥ ମହାନ୍ତ ପ୍ରମୁଖ ରହିଛନ୍ତି।

## ଚୋରି ମୋବାଇଲ ସହ ବାଇକ ଜବତ, ଲୁଟେରା ଗିରଫ

ବାଲିଅନ୍ତା, ୩।୭ (ସଂଚାର ବ୍ୟୁରୋ): ବାଲକାଟି ଫାଣ୍ଡି ପୁଲିସ ଆଜି ଏକ ଛିନତାଇ ମାମଲାରେ ଜଣେ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଲୁଟେରା ହେଲା ନିଆଳି ଥାନା ଅଧୀନ ଅଥଙ୍ଗା ବସ୍ତିର ଅଜଗର ଶାହା ଓରଫ ସୁନୀଲ ଶାହା (୨୩)। ଅଜଗର ନିକଟରୁ ପୁଲିସ ଚୋରି ମୋବାଇଲ ଫୋନ, ରୂପା ଚେନ ଏବଂ ଟଙ୍କା ଜବତ କରିଛି।

ସୂଚନା ଅନୁସାରେ ହୀରାପୁର ଗ୍ରାମର ଭାରତୀ ଦାସଙ୍କର ବାଲକାଟି ବଜାରରେ ଏକ ବିୟୁଟି ପାଲର ରହିଛି। ଗତ ୨୩ ତାରିଖ ଅପରାହ୍ନ ୨ଟା ସମୟରେ ଭାରତୀ କାମସାରି ସାଇକେଲରେ ଘରକୁ ଫେରୁଥିଲେ। ହୀରାପୁର ଗ୍ରାମ ନିକଟରେ ଅଜଗର ଏବଂ ଅନ୍ୟ ଜଣେ ସହଯୋଗୀ ବାସ୍କେଟରୁ ଭ୍ୟାନିଟି ନେଇ ଟଙ୍କପାଣି ବ୍ରିଜ ଆଡ଼କୁ ଫେରାର ହୋଇଯାଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନା ଘଟଣାସ୍ଥଳରେ ପହଞ୍ଚି ସିସି କ୍ୟାମେରା ଫୁଟେଜ ଯାଞ୍ଚ କରି ଅଜଗର ଏବଂ ଅନ୍ୟ ସହଯୋଗୀ ଯୁବକକୁ ଚିହ୍ନଟ କରିଥିଲେ। ଗତକାଲି ଫାଣ୍ଡି ଅଧିକାରୀ ଅଜଗରକୁ ଗିରଫ କରିଥିଲେ ହେଁ ସହଯୋଗୀକୁ ଧରିବାରେ ସଫଳ ହୋଇପାରନି।

## ରାଇଘର ମୁଖ୍ୟ ରାସ୍ତାରେ ଥିବା ୩ ଦୋକାନରୁ ଚୋରି



ନବରଙ୍ଗପୁର/ରାଇଘର, ୩।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ମୁଖ୍ୟ ରାସ୍ତାରେ ଥିବା ତିନୋଟି ଦୋକାନରେ ଗତ ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପ୍ରାୟ ୧ ଲକ୍ଷ ୯୨ ହଜାର ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ସକାଳେ ଦୋକାନ ଖୋଲିବାକୁ ଆସି ବ୍ୟବସାୟୀମାନେ ତାଲା ଓ ସଟର ଭଙ୍ଗା ଦେଖି ପୁଲିସକୁ ଖବର ଦେଇଥିଲେ।

ସୂଚନା ଅନୁଯାୟୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ନିକଟରେ ଥିବା ଦୀପକ ମେସିନାରୀ ଦୋକାନରୁ ପ୍ରାୟ ୧ ଲକ୍ଷ ୬୦ ହଜାର ଟଙ୍କା, ଅମରେନ୍ଦ୍ର ମେଡିସିନ ଷ୍ଟୋରରୁ ୩୨ ହଜାର ଟଙ୍କା ନଗଦ ଚୋରି ହୋଇଥିବା ବେଳେ କାଳାଚାନ୍ଦ ରାୟଙ୍କ ଗୋଦାମର ପଛପଟ ସଟର ଭାଙ୍ଗି କିଛି ସାମଗ୍ରୀ ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।

## ବିସ୍ଫୋରକ ବାଡ଼ି ଓ ତାର ଜବତ



ହିଞ୍ଜିଳିକାଟୁ, ୩।୭ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ଅନ୍ତର୍ଗତ ବେଲ ଗାଁ ପୁଲିସକୁ ମିଳିଛି ସଫଳତା। ସାହାପୁର ଲଣ୍ଡା ପାହାଡ଼ ନିକଟରୁ ବିସ୍ଫୋରକ ବାଡ଼ି ୧୨,୪୦୦ ଖଣ୍ଡ ଓ ବିସ୍ଫୋରଣ ତାର ୪୭ କଏଲ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ଜଣକ ହେଲେ ଧୋବାଡ଼ି ଗ୍ରାମର ବଚନ ଦାସ (୩୪)। ଏ ନେଇ ବେଲ ଗାଁ ଥାନା କେସ ନଂ ୯୬/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଲଗାଁ ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ପଥର ଫୁଟା କାର୍ଯ୍ୟରେ ବ୍ୟବହୃତ ହେଉଥିବା ଜଣାପଡିଛି।

# ମଦ ଦୋକାନକୁ ନେଇ ବଢୁଛି ଅସନ୍ତୋଷ

## ଦୋକାନ ବନ୍ଦ ନ ହେଲେ ରାସ୍ତାକୁ ଓହ୍ଲାଇବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଚେତାବନୀ



କାକଟପୁର/ଅସ୍ତରଙ୍ଗ,୩।୭ (ସଂଚାର ବ୍ୟୁରୋ): ମା' ତାରିଣୀଙ୍କ ମନ୍ଦିରର ଘଣ୍ଟି, ଆକ୍ସିସ-ଷ୍ଟେଟ-ଇଣ୍ଡିଆନ ବ୍ୟାଙ୍କର ଲାଇନ ଓ ସ୍କୁଲ-କଲେଜ ପିଲାଙ୍କ କୋଳାହଳ - ଏହି ତ୍ରିବେଣୀ ସଙ୍ଗମରେ ଗତ ଗୁରୁବାର 'ଶୁଭ' ଦିନ ସରକାରୀ ସ୍ୱୀକୃତିପ୍ରାପ୍ତ 'ଠିପି ବନ୍ଦ' ମଦ ଦୋକାନର ମହାଉଦ୍‌ଘାଟନ ହୋଇଛି। ପୂର୍ବରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରର ମୁଖ୍ୟ ରାସ୍ତାରେ ମଦ ଦୋକାନର କଳଙ୍କ ଥିଲା, ଏବେ ତ୍ରିଭୁଜ ଆକୃତିରେ ତାକୁ ଲାଲ କାର୍ପେଟ ପାରି ରାଜକୀୟ ସ୍ୱାଗତ କରାଯାଇଛି। ଏହା ଦୋକାନ ନୁହେଁ, ଅବକାରୀ ନିୟମ ବହି ଉପରେ ମଦ ଢାଳି ଦିଆଯାଇଥିବା 'ସରକାରୀ ଅଭିଷେକ'।

ନିୟମ ଅନୁଯାୟୀ 'ଠିପି ବନ୍ଦ' ଦୋକାନରେ କେବଳ ସିଲ ବନ୍ଦ ବୋତଲ ବିକ୍ରି ହେବ। ଦୋକାନ ଭିତରେ କି ବାହାରେ ମଦ ପିଇବା, ଗ୍ଲାସରେ ଢାଳିବା, ଆଡ୍ଡା ଜମାଇବା ୧୦୦% ବେଆଇନ। ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥଳ, ବ୍ୟାଙ୍କ, ବସଷ୍ଟାଣ୍ଡଠାରୁ ଅତିକମରେ ୫୦ ମିଟର ଦୂରତା ବାଧ୍ୟତାମୂଳକ। ରାତି ୧୦.୩୦ ପରେ ସଟର ପଡିବା କଥା। ହେଲେ ଅସ୍ତରଙ୍ଗରେ ନିୟମ ବହିକୁ ଅଳିଆ ଡବାରେ ଫୋପାଡି ଦିଆଯାଇଛି। ଦୋକାନ ଖୋଲିବା ଦିନଠୁ ସାମ୍ନାରେ ଦିନ-ରାତି ଖୋଲା ବୋତଲ, ଗାଳି-ଗୁଲଜ, ରାସ୍ତା ଉପରେ ମାତାଲ ଖୋଲା ଦେହରେ ପଡି ରହୁଛନ୍ତି। ଫଳରେ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଉଥିବା ମହିଳା, ତାରିଣୀ ମନ୍ଦିରକୁ ଯାଉଥିବା ଭକ୍ତ, ସ୍କୁଲ-କଲେଜ ଛାତ୍ରଛାତ୍ରୀ - ସମସ୍ତେ ନାକରେ ରୁମାଲ ଦେଇ ମୁଣ୍ଡ ତଳକୁ କରି ଯାଉଛନ୍ତି। ସନ୍ଧ୍ୟା ୬ଟା ପରେ ତ ଏ ରାସ୍ତା 'ନୋ-ଏଣ୍ଟ୍ରି ଜୋନ' ପାଲଟି ଯାଉଛି। ପିଲାଙ୍କ ବହି ବ୍ୟାଗରେ ଏବେ ଅକ୍ଷର ବଦଳରେ ମଦ ଗନ୍ଧ ପଶୁଛି।

ଠିପି ବନ୍ଦ ହେଉ କି ଠିପି ଖୋଲା ହେଉ ଦୋକାନରୁ ସିଧା ସ୍କୁଟିରେ ମଦ ବୋଝେଇ ହୋଇ ଗାଁ କୁ ଗାଁ ଯାଉଛି। ଦିନ ଦ୍ୱିପ୍ରହରରେ ଅସ୍ତରଙ୍ଗ ଥାନା ସାମ୍ନା ଦେଇ ବି ଏହି 'ମଦ ଶୋଭାଯାତ୍ରା' ଚାଲିଛି। ମୋବାଇଲରେ ଅର୍ଡର, ୧୦ ମିନିଟରେ ହୋମ ଡେଲିଭରି।

ଜନତାଙ୍କ ସିଧା ପ୍ରଶ୍ନ ମନ୍ଦିର-ବ୍ୟାଙ୍କ-ସ୍କୁଲ ପାଖରେ ଦୋକାନକୁ ଲାଇସେନ୍ସ ଦେଲେ କେଉଁ ଅଫିସର? ତାଙ୍କ ନାଁ ସାର୍ବଜନୀନ କରାଯାଉ। ଥାନା ସାମ୍ନାରେ ସ୍କୁଟିରେ ମଦ ଯାଉଛି, ପୁଲିସ ଅନ୍ଧ କି ବଧିର? ନିଶା ନିବାରଣ ଶପଥ ପାଠ କରୁଥିବା ସରକାର ନିଜେ ନିଶାର ନୂଆ ଶାଖା ଖୋଲୁଛନ୍ତି କାହିଁକି ?

"୭୨ ଘଣ୍ଟା ଭିତରେ ଏହି 'ତ୍ରିଭୁଜ ମଦ ମଠ' ବନ୍ଦ ନହେଲେ, ଆମେ ହାଣ୍ଡି-ଘଣ୍ଟା ଧରି ରାସ୍ତାକୁ ଓହ୍ଲାଇବୁ ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଚେତାବନୀ ଦେଇଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ।

## ନାବାଳିକା ଗର୍ଭବତୀ, ଥାନାରେ ଅଭିଯୋଗ

ଫୁଲବାଣୀ,୩।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଧୀନ ରେ ଏକ ୧୬ ବର୍ଷୀୟା ନାବାଳିକା ଗର୍ଭବତୀ ଥିବା ନେଇଁ ଫିରିଙ୍ଗିଆ ଥାନାରେ ଝିଅର ମା ଲିଖିତ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲା ର ସାରଙ୍ଗଡ଼ ଥାନା ଅଧୀନ ଜଣେ ୨୪ ବର୍ଷୀୟ ଯୁବକ ନାବାଳିକା ଜଣଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଦୀର୍ଘ ଦିନରୁ ଶାରୀରିକ ସମ୍ପର୍କ ରଖି ଆସୁଥିଲେ ତେବେ କିଛି ଦିନ ପରେ ସେ ବାହାର ରାଜ୍ୟକୁ ଫେରାର ହୋଇ ଯାଇଥିଲେ ଘଟଣା ର କିଛି ଦିନ ପରେ ନାବାଳିକା ଜଣକ ଗର୍ଭବତୀ ଥିବା ପରିବାର ଲୋକେ ଅଙ୍ଗନବାଡି ସୂତ୍ରରୁ ଜାଣିବାକୁ ପାଇଥିଲେ। ଏହି ଘଟଣା ପରେ ନାବାଳିକା ର ମାଁ ଫିରିଙ୍ଗିଆ ଥାନାରେ ଗତ ୩୦/୬/୨୦୨୬ ତାରିଖରେ ଲିଖିତ ଭାବରେ ଜଣାଇଥିଲେ। ଫିରିଙ୍ଗିଆ ଥାନାରେ ଏହି ଘଟଣା କୁ ନେଇଁ ଏକ ମାମଲା ମଧ୍ୟ ରୁଜୁ ହୋଇଥିବା ବେଳେ ସମ୍ପୃକ୍ତ ଯୁବକକୁ ଶୀଘ୍ର ଧରାଯିବାକୁ ଚେଷ୍ଟା କରାଯାଉଥିବା ଫିରିଙ୍ଗିଆ ଥାନା ସୂତ୍ରରୁ ଜଣା ପଡିଛି।

## କଡ଼ା ଚେତାବନୀ ସତ୍ତ୍ୱେ ଡାକ୍ତରଙ୍କ ଆନ୍ଦୋଳନ ଜାରି




ହିଞ୍ଜିଳିକାଟୁ, ୩।୭ (ସଂଚାର ବ୍ୟୁରୋ): ୧୦ ଦଫା ଦାବି ନେଇ ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍‌ସା)ର ଆହ୍ୱାନକ୍ରମେ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେଇଛନ୍ତି। ତୃତୀୟ ଦିନରେ ବି ଜାରି ରହିଛି ସରକାରୀ ଡାକ୍ତରଙ୍କ ଆନ୍ଦୋଳନ। ଏହା ଫଳରେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ସାମ୍ନାରେ ଗଣଧାରଣା ଦେଇଥିବାର ଦେଖିବାକୁ ମିଳିଛି। ଏହା ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିବା ବେଳେ ବିଶେଷକରି ଗର୍ଭବତୀ ମହିଳା, ଶିଶୁ ଓ ବରିଷ୍ଠ ନାଗରିକ ମାନଙ୍କୁ ମାନବିକତା ଦୃଷ୍ଟିରୁ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯାଉଛି ନେଇ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଶ୍ରୀକାନ୍ତ ସାହୁ କହିଛନ୍ତି।।

ସେପଟେ ଆନ୍ଦୋଳନରତ ଡାକ୍ତରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଆନ୍ଦୋଳନରେ ସାମିଲ ଥିବା ଡାକ୍ତରଙ୍କ ଦରମା କାଟିବାକୁ। ଏନେଇ ସବୁ ମେଡିକାଲ କଲେଜର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ରାଜ୍ୟ ସରକାରଙ୍କ ଅନୁରୋଧ ସତ୍ତ୍ୱେ ଜାରି ରହିଛି ରାଜ୍ୟରେ ଡାକ୍ତର ଆନ୍ଦୋଳନ। ସାରା ରାଜ୍ୟରେ କାର୍ଯ୍ୟବନ୍ଦ କରିଛନ୍ତି ଓମ୍‌ସା ଡାକ୍ତର। ୧୦ ଦଫା ଦାବି ନେଇ ଡାକ୍ତରମାନେ କାମ ବନ୍ଦ କରିଛନ୍ତି। ଉପକୂଳରୁ ଉପାନ୍ତ ସବୁଠି ସମାନ ଅବସ୍ଥା।

SANCHAR
ସଂଚାର
ଶନିବାର ୪ ଜୁଲାଇ ୨୦୨୬
BUSINESS

## ଶିଶୁ ଯୌନ ନିର୍ଯାତନାକୁ ପ୍ରୋତ୍ସାହିତ କରୁଛି ଇନଷ୍ଟାଗ୍ରାମ ବିଜ୍ଞାପନ

# ମେଟାକୁ ସମନ୍ ପଠାଇବେ ସରକାର !




**ନୂଆଦିଲ୍ଲୀ,୩।୭:** ଇନଷ୍ଟାଗ୍ରାମ ବିଜ୍ଞାପନ ଜରିଆରେ ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ସାମଗ୍ରୀର ପ୍ରଚାର କରାଯାଉଥିବା ଅଭିଯୋଗ ଉପରେ କେନ୍ଦ୍ର ସରକାର ଅତ୍ୟନ୍ତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ମାମଲାରେ ସୋସିଆଲ ମିଡିଆ ସଂସ୍ଥା 'ମେଟା' କୁ ସମନ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।
ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଜ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଫେସବୁକ୍ ଏବଂ ଇନଷ୍ଟାଗ୍ରାମର ମାଲିକାନା ସଂସ୍ଥା 'ମେଟା'ର ଅଧିକାରୀମାନଙ୍କୁ ସରକାରଙ୍କ ସାମ୍ନାରେ ହାଜର ହୋଇ ଏହି ଗମ୍ଭୀର ବିଷୟ ଉପରେ ସ୍ପଷ୍ଟୀକରଣ ଦେବାକୁ ସମନ କରାଯିବ। ଅଭିଯୋଗ ହୋଇଛି ଯେ, ଇନଷ୍ଟାଗ୍ରାମ ପ୍ଲାଟଫର୍ମରେ କିଛି ଏଭଳି ବିଜ୍ଞାପନ ପ୍ରଦର୍ଶିତ ହେଉଛି, ଯାହା ଶିଶୁ ଯୌନ ନିର୍ଯାତନା ଏବଂ ଅଶ୍ଳୀଳତାକୁ ପ୍ରୋତ୍ସାହିତ କରୁଛି।
ଭାରତୀୟ ଆଇନ ଏବଂ ଆଇଟି ନିୟମ ଅନୁସାରେ, ଶିଶୁ ସୁରକ୍ଷା ସହ ଜଡ଼ିତ ମାମଲାରେ କୌଣସି ପ୍ରକାରର ସାଲିସ ଗ୍ରହଣଯୋଗ୍ୟ ନୁହେଁ। ପ୍ଲାଟଫର୍ମଗୁଡ଼ିକ ଏଭଳି କଣ୍ଟେଣ୍ଟକୁ ରୋକିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ବାଧ୍ୟତାମୂଳକ। କେନ୍ଦ୍ର ସରକାର ପୂର୍ବରୁ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଭାରତରେ ବ୍ୟବସାୟ କରୁଥିବା ସମସ୍ତ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଦେଶର ଆଇନ ମାନିବାକୁ ପଡ଼ିବ। ବିଶେଷ କରି ଶିଶୁ ଏବଂ ମହିଳାମାନଙ୍କ ସୁରକ୍ଷା ସହ ଜଡ଼ିତ ମାମଲାରେ ସରକାର 'ଜିରୋ ଟଲରାନ୍ସ' ଅର୍ଥାତ୍ କୌଣସି ପ୍ରକାରର କୋହଳ ମନୋଭାବ ରଖିବେ ନାହିଁ। ମେଟାର ଅଧିକାରୀମାନେ ହାଜର ହେବା ପରେ, ସେମାନଙ୍କ ପ୍ଲାଟଫର୍ମରେ ଏଭଳି ବିଜ୍ଞାପନ କିପରି ଏବଂ କାହିଁକି ଚାଲିଲା, ସେ ନେଇ ସରକାର ଜବାବ ମାଗିବେ। ଏହା ସହିତ ଏଭଳି ଆପତ୍ତିଜନକ କଣ୍ଟେଣ୍ଟ ଏବଂ ଆକାଉଣ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ସେମାନେ କଣ ପଦକ୍ଷେପ ନେଉଛନ୍ତି, ତାର ରିପୋର୍ଟ ମଧ୍ୟ ତଲବ କରାଯିବ। ଯଦି କମ୍ପାନୀ ସନ୍ତୋଷଜନକ ଉତ୍ତର ନଦିଏ, ତେବେ ଆଇଟି ଆକ୍ଟ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

# ରିଜର୍ଭ ବ୍ୟାଙ୍କରେ ଚାକିରି ସୁଯୋଗ

**ନୂଆଦିଲ୍ଲୀ,୩।୭:** ଯଦି ଆପଣ ସିଭିଲ୍ କିମ୍ବା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ବି.ଟେକ୍ ଡିଗ୍ରି କରିଛନ୍ତି ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ଅଭିଜ୍ଞତା ରଖିଛନ୍ତି ଏବଂ ସରକାରୀ ଚାକିରି ଖୋଜୁଛନ୍ତି ତେବେ ଏକ ଉତ୍କୃଷ୍ଟ ସୁଯୋଗ ଆସି ପହଞ୍ଚିଛି। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) କନସଲଟାଣ୍ଟ ସାଇଟ୍ ଇଞ୍ଜିନିୟର ପଦବି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି। ଏହି ନିଯୁକ୍ତିର ଏକ ପ୍ରମୁଖ ଆକର୍ଷଣ ହେଉଛି ଯେ କୌଣସି ଲିଖିତ ପରୀକ୍ଷା ହେବ ନାହିଁ। ଆଗ୍ରହୀ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ୨୦୨୬ ଜୁଲାଇ ୨୦ ସନ୍ଧ୍ୟା ୬:୦୦ ଟା ପର୍ଯ୍ୟନ୍ତ ଅନଲାଇନରେ ଆବେଦନ କରିପାରିବେ। ଖାଲି ପଦବି ଏହି ଆରବିଆଇ ନିଯୁକ୍ତି ଅଭିଯାନ ମାଧ୍ୟମରେ ମୋଟ ୮ଟି ପଦବୀ ପୂରଣ କରାଯିବ। ଏଥିରେ ସିଭିଲ୍ ଏବଂ ଇଲେକ୍ଟ୍ରିକାଲ୍ ଉଭୟ କ୍ଷେତ୍ରରେ ଇଞ୍ଜିନିୟରଙ୍କ ପାଇଁ ଭୂମିକା ଅନ୍ତର୍ଭୁକ୍ତ ରହିଛି। ଚାକିରିଟି ପୂର୍ଣ୍ଣକାଳୀନ ଚୁକ୍ତିନାମା ଆଧାରରେ ହେବ। ପ୍ରାରମ୍ଭିକ ନିଯୁକ୍ତି ତିନି ବର୍ଷ ପାଇଁ ହେବ, ଆବଶ୍ୟକ ହେଲେ ଆଉ ଦୁଇ ବର୍ଷ ପାଇଁ ବୃଦ୍ଧି ହେବାର ସମ୍ଭାବନା ରହିଛି। ଆବେଦନ କରିବାକୁ କିଏ ଯୋଗ୍ୟ? ଏହି ପଦବି ପାଇଁ ଆବେଦନ କରିବାକୁ ଇଚ୍ଛୁକ ଥିବା ପ୍ରାର୍ଥୀମାନଙ୍କର ସିଭିଲ୍ କିମ୍ବା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ବିଟେକ କିମ୍ବା ସମକକ୍ଷ ଡିଗ୍ରି କରିଥିବା ଆବଶ୍ୟକ। ଏହା ସହିତ ପ୍ରାର୍ଥୀମାନଙ୍କର ନିର୍ମାଣ କାର୍ଯ୍ୟ ଏବଂ କୋଠା ପ୍ରକଳ୍ପ ପରିଚାଳନାରେ ୧୫ ବର୍ଷର ଅଭିଜ୍ଞତା ରହିଥିବା ବାଧ୍ୟତାମୂଳକ । କିଛି ପଦବି ପାଇଁ ସରକାରୀ ବିଭାଗ କିମ୍ବା ଏହା ସହିତ ଜଡ଼ିତ ଥିବା ସଂସ୍ଥାରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଥିବା ଆବଶ୍ୟକ।




## ଏଆଇ କ୍ରେଜ୍; ମେଟା ଓ ଟେସ୍‌ଲାକୁ ପଛରେ ପକାଇଲା ମାଇକ୍ରୋନ, ବଜାର ମୂଲ୍ୟରେ ଐତିହାସିକ ବୃଦ୍ଧି

ନୂଆଦିଲ୍ଲୀ,୨।୭: ବିଶ୍ୱ ବଜାରରେ ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦବଦବା ଦେଖିବାକୁ ମିଳୁଛି । ଏଆଇ ଭିତ୍ତିଭୂମି ଏବଂ ଆଧୁନିକ ମେମୋରୀ ଚିପ୍‌ର ଚାହିଦା ଆକାଶଛୁଆଁ ହେବା ସହିତ ଆମେରିକାର ପ୍ରତିଷ୍ଠିତ ସେମିକଣ୍ଡକ୍ଟର କମ୍ପାନି 'ମାଇକ୍ରୋନ ଟେକ୍ନୋଲୋଜି' ର ସେୟାର ମୂଲ୍ୟରେ ଏକ ଅଭୂତପୂର୍ବ ତଥା ଐତିହାସିକ ବୃଦ୍ଧି ଘଟିଛି । ଗୁରୁବାର ବଜାର କାରବାର ସମୟରେ କମ୍ପାନି ଏଭଳି ଏକ ସଫଳତା ପାଇଥିଲା, ଯାହା ସମଗ୍ର ବିଶ୍ୱର ନିବେଶକମାନଙ୍କୁ ଚକିତ କରିଦେଇଛି । କାରବାର ମଝିରେ ମାଇକ୍ରୋନର ମାର୍କେଟ କ୍ୟାପ୍ (ବଜାର ମୂଲ୍ୟ) କିଛି ସମୟ ପାଇଁ ବିଶ୍ୱର ଦୁଇ ପ୍ରମୁଖ ଟେକ୍ ଜାଏଣ୍ଟ 'ମେଟା ପ୍ଲାଟ୍‌ଫର୍ମସ' ଏବଂ ଏଲନ୍ ମସ୍କଙ୍କ 'ଟେସ୍‌ଲା'କୁ ମଧ୍ୟ ଟପି ଯାଇଥିଲା । କମ୍ପାନି ପକ୍ଷରୁ ଆଗାମୀ ଦିନ ପାଇଁ ଜାରି କରାଯାଇଥିବା ମଜଭୁତ ତ୍ରୟମାସିକ ଆକଳନ ନିବେଶକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ଏହି ସକାରାତ୍ମକ ରିପୋର୍ଟ ପରେ ମାଇକ୍ରୋନ ଉପରେ ନିବେଶକଙ୍କ ଭରସା ବେଶ୍ ବୃଦ୍ଧି ପାଇଥିଲା, ଯାହାଫଳରେ କାରବାର ଚାଲିଥିବା ସମୟରେ କମ୍ପାନିର ସେୟାର ମୂଲ୍ୟ ପ୍ରାୟ ୧୮.୪% ପର୍ଯ୍ୟନ୍ତ ଉପରକୁ ଉଠିଯାଇଥିଲା । ଆନ୍ତର୍ଜାତୀୟ ସମ୍ବାଦ ସଂସ୍ଥା ରୟଟର୍ସର ରିପୋର୍ଟ ଅନୁଯାୟୀ, ଗୁରୁବାର ବଜାର ବନ୍ଦ ହେବା ବେଳକୁ ମାଇକ୍ରୋନ ଟେକ୍ନୋଲୋଜିର ସେୟାର ୧୫.୮% ବୃଦ୍ଧି ସହ ଗ୍ରୀନ୍ ମାର୍କରେ ବନ୍ଦ ହୋଇଥିଲା । ବଜାର ସମାପ୍ତ ହେବା ପରେ କମ୍ପାନିର ମୋଟ୍ ବଜାର ମୂଲ୍ୟ ୧.୩୭ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ଯଦିଓ କାରବାର ମଝିରେ ମାଇକ୍ରୋନ ସବୁଠୁ ଆଗକୁ ଚାଲିଯାଇଥିଲା, ତେବେ ବଜାର ବନ୍ଦ ହେବା ବେଳକୁ ଏହା ମେଟା ଏବଂ ଟେସ୍‌ଲାର ସାମାନ୍ୟ ପଛରେ ରହିଥିଲା । ବର୍ତ୍ତମାନ ବିଶ୍ୱ ବଜାରରେ ଏହି ତିନି କମ୍ପାନିର ମାର୍କେଟ କ୍ୟାପ୍ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁଛି । ମାଇକ୍ରୋନ ଟେକ୍ନୋଲୋଜି ୧.୩୭ ଟ୍ରିଲିୟନ ଡଲାର, ମେଟା ପ୍ଲାଟ୍‌ଫର୍ମସ ୧.୩୪ ଟ୍ରିଲିୟନ ଡଲାର, ଟେସ୍‌ଲା ୧.୪୧ ଟ୍ରିଲିୟନ ଡଲାର ଥିଲା । ମାଇକ୍ରୋନର ଏହି ଆଶ୍ଚର୍ଯ୍ୟଜନକ ଅଭିବୃଦ୍ଧି ପଛରେ ରହିଛି କମ୍ପାନିର ଚତୁର୍ଥ ତ୍ରୟମାସିକର ଦମଦାର ଆଭିମୁଖ୍ୟ । ଆକଳନ କରାଯାଉଛି ଯେ ଚଳିତ ଚତୁର୍ଥ ତ୍ରୟମାସରେ କମ୍ପାନି ପ୍ରାୟ ୫୦ ବିଲିୟନ ଡଲାରର ବେଶ୍ ମୋଟା ଅଙ୍କର ରାଜସ୍ୱ ହାସଲ କରିବାକୁ ଯାଉଛି । ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ଏଆଇ ସେକ୍ଟରର ଅଭିବୃଦ୍ଧି ସହିତ ମାଇକ୍ରୋନ ଭଳି ଚିପ୍ ନିର୍ମାତା କମ୍ପାନିଗୁଡ଼ିକର ଆଧିପତ୍ୟ ବଜାରରେ ଆହୁରି ବଢ଼ିବାର ସମ୍ଭାବନା ରହିଛି ।



# ୧୨ଲକ୍ଷ ଟଙ୍କା ବେତନରେ ବି ଲାଗିପାରିବ ଟ୍ୟାକ୍ସ

**ନୂଆଦିଲ୍ଲୀ,୩।୭** ଯଦି ଆପଣଙ୍କ ବେତନରୁ ବର୍ଷସାରା ଟଙ୍କାଟିଏ ବି ଟିଡିଏସ୍ କଟିନି ଏହାମାନେ ନୁହେଁ ଯେ ଆପଣଙ୍କ ଟ୍ୟାକ୍ସ 'ଜିରୋ'। ଆଇଟିଆର ଦାଖଲ କରିବା ସମୟରେ ଫିକ୍ସଡିପୋଜିଟ ସୁଧ, ସଞ୍ଚୟଜମା ସୁଧ ଓ ଅନ୍ୟ ଆୟ ମିଶିଲେ ଟ୍ୟାକ୍ସ ଏମାଉଣ୍ଟ ଆସିପାରେ। ୨୦୨୫ ବଜେଟ୍ ରେ ସରକାର ନୂଆ ଟ୍ୟାକ୍ସ ରିଜିମରେ ସେକ୍ସନ ୮୭-ଏ ର ଟ୍ୟାକ୍ସ ଲିମିଟ୍ ରିହାତି ୧୨ଲକ୍ଷ ଟଙ୍କା କରିଦେଇଥିଲେ। ଷ୍ଟାଣ୍ଡାର୍ଡ ଡିଡକ୍ସନ ୭୫,୦୦୦ ଟଙ୍କା ମିଶାଇଲେ ପାଖାପାଖି ୧୨.୭୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନଭୋଗୀ କର୍ମଚାରୀଙ୍କ ବେତନରୁ ସାଧାରଣତଃ ଟିଡିଏସ କଟେନା। ଏହିଠାରେ ହିଁ ଆପଣ ଭୁଲ ଧାରଣାର ଶିକାର ହୁଅନ୍ତି। ଅନେକ ଲୋକ ଭାବନ୍ତି ଯେତେବେଳେ ଟ୍ୟାକ୍ସ ଡିଡକ୍ସନ ଆଟ ସୋର୍ସ (ଟିଡିଏସ) କଟିନି ତେବେ ଟ୍ୟାକ୍ସ ବି ଦେବାକୁ ପଡିବନି। ତେବେ ଏପରି ସବୁବେଳେ ହୁଏ ନାହିଁ। ନିଯୁକ୍ତିଦାତା କେବଳ ଆପଣଙ୍କ ବେତନ ଆଧାରରେ ଟିଡିଏସ୍ କାଟିଥାନ୍ତି। ହେଲେ ସେ ଜଣନ୍ତିନି ଯେ ଆପଣ ବ୍ୟାଙ୍କ ଫିକ୍ସ ଡିପୋଜିଟ୍ (ଏଫଡି)ରୁ କେତେ ସୁଧ ଅର୍ଜ କରିଛନ୍ତି, ସଞ୍ଚୟ ଜମାରୁ କେତେ ସୁଧପାଇଛନ୍ତି, ଘରଭଡ଼ା ଅଥବା ଅନ୍ୟ କୌଣସି ସୂତ୍ରରୁ କେତେ ଆୟ କରିଛନ୍ତି। ଚାର୍ଟାଡ ଆକାଉଣ୍ଟାଣ୍ଟଙ୍କ ଅନୁସାରେ ସବୁଠୁ ବଡ଼ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ କର୍ମଚାରୀଙ୍କ ବେତନ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥାଏ ଓ ପୁରା ବର୍ଷ ଟିଡିଏସ କଟେନା। ହେଲେ ଆଇଟିଆର ପୁରଣ କରିବା ବେଳେ ଯେମିତି ଏଫଡି ସୁଧ, ସଞ୍ଚୟ ଜମା ସୁଧ ଓ ଅନ୍ୟ ଆୟ ମିଶେ ସେତେବେଳେ ଟ୍ୟାକ୍ସ ଏମାଉଣ୍ଟ ସାମ୍ନାକୁ ଆସିଯାଏ। ମନେ ରଖନ୍ତୁ ଚୂଡ଼ାନ୍ତ ଟ୍ୟାକ୍ସ ଆପଣଙ୍କ ମୋଟ ଆୟ ଆଧାରରେ ନିର୍ଦ୍ଧାରଣ ହୁଏ, କେବଳ ବେତନ ଆଧାରରେ ନୁହେଁ। ଏଥିରେ ଯଦି ଆପଣଙ୍କ ବାର୍ଷିକ ଆୟ ୧୨ଲକ୍ଷ ଟଙ୍କା ଉପରକୁ ଚାଲିଯାଏ ତେବେ ସେକ୍ସନ ୮୭-ଏ ଅନୁସାରେ ମିଳୁଥିବା ଟ୍ୟାକ୍ସ ରିହାତି ହ୍ରାସ ହେବାରେ ଲାଗେ। ସେହିପରି କ୍ୟାପିଟାଲ ଗେନ ଭଳି ଆୟ ଉପରେ ଅନ୍ୟ ନିୟମ ଲାଗୁ ହୋଇଥାଏ। ଏପରି ଆୟ ଉପରେ ଅଲଗା ଟ୍ୟାକ୍ସ ହାର ଲାଗେ। ଏହାକୁ ୧୨ଲକ୍ଷ ଟଙ୍କା ଟ୍ୟାକ୍ସ ଲିମିଟ୍ ରେ ସାମିଲ କରାଯାଏନା। ଯଦିଓ ସରକାର ମାର୍ଜିନାଲ ରିଲିଫର ପ୍ରାବଧାନ ଦେଇଛନ୍ତି, ଯାହା ଦ୍ୱାରା ଆପଣଙ୍କ ଆୟ ୧୨ ଲକ୍ଷ ଟଙ୍କାରୁ ସାମାନ୍ୟ ଅଧିକ ହେଲେ ଆପଣଙ୍କୁ ଅଚାନକ ଅଧିକ ଟ୍ୟାକ୍ସ ଦେବାକୁ ନ ପଡେ। ଉଦାହରଣ ରୂପେ ଯଦି କାହାର ଗ୍ରସ ସାଲାରୀ ୧୩.୧୦ଲକ୍ଷ ଟଙ୍କା ତେବେ ୭୫ ଲକ୍ଷ ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନ ବାଦେ ଟ୍ୟାକ୍ସେବଲ ଇନକମ ୧୨.୩୫ଲକ୍ଷ ଟଙ୍କା ହେବ।




# ୩୦ ଦିନର ଏଲ୍‌ପିଜି ମହଜୁଦ ଯୋଜନା

**ମୁମ୍ବାଇ,୩।୭:** ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଦେଶରେ ଏଲ୍‌ପିଜି ସଙ୍କଟ ଭାରତର ଚିନ୍ତା ବଢ଼ାଇ ଦେଇଥିଲା। ଘରୋଇ ଏଲ୍‌ପିଜି ଯୋଗାଣକୁ ସ୍ୱାଭାବିକ ରଖିବା ପାଇଁ ସରକାର ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ଉପରେ କଟକଣା ଲଗାଇଥିଲେ। ଭବିଷ୍ୟତରେ ଯେଭଳି ସେଭଳି ସ୍ଥିତି ନ ଉପୁଜିବ ତାହାକୁ ଦୃଷ୍ଟିରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଗୁଡ଼ିକ ଦେଶରେ ହାରାହାରି ୩୦ ଦିନ ପାଇଁ ଏଲ୍‌ପିଜି ମହଜୁଦ ରଖିବା ଲାଗି ଯୋଜନା କରୁଛନ୍ତି। ୩ଟି ଯାକ ରାଷ୍ଟ୍ରାୟତ୍ତ ତୈଳ କମ୍ପାନି ଏଥିପାଇଁ ଉଦ୍ୟମ ଚଳାଇଛନ୍ତି। ତୈଳ କମ୍ପାନିଙ୍କ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ୍) ଏହାର ମୋଟ ଏଲ୍‌ପିଜି ମହଜୁଦ କ୍ଷମତା ପାଖାପାଖି ଦୁଇଗୁଣା କରି ୩୪୦ ହଜାର ମେଟ୍ରିକ ଟନରେ ପହଞ୍ଚାଇବା ଲକ୍ଷ୍ୟ ରଖିଛି। ବର୍ତ୍ତମାନ ଏହା ପ୍ରାୟ ୨୦୦ ହଜାର ମେଟ୍ରିକ ଟନ ପାଖାପାଖି ରହିଛି। କମ୍ପାନିକୁ ଏଥିପାଇଁ ୫୦୦୦ କୋଟି ଟଙ୍କା ନିବେଶ କରିବାକୁ ହେବ। ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ୍‌ପିସିଏଲ୍) ଏବଂ ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ୍)ର ସଂପ୍ରସାରଣ ଯୋଜନା ଡ୍ରଇଂ ବୋର୍ଡ ସ୍ତରରେ ରହିଛି। ଯଦିଓ ଏଲ୍‌ପିଜି ମହଜୁଦ ପରିମାଣ ୩୦ ଦିନ ପାଇଁ ବଢ଼ାଯିବା ଯୋଜନା ରହିଛି ତଥାପି ଏହାର ପଦ୍ଧତି ସଂପର୍କରେ ଅଧିକ ଅନୁଧ୍ୟାନ ହେଉଛି। ଦେଶରେ ଏଲ୍‌ପିଜିର ମୋଟ ବ୍ୟବହାର, ଆମଦାନି କିମ୍ବା ବିପଦରେ ଥିବା ଆମଦାନି ଆଧାରରେ ଏହା ନିର୍ଦ୍ଧାରଣ ହେବ ସେ ନେଇ ବିଚାରବିମର୍ଶ ଚାଲିଛି। ସରକାରଙ୍କୁ ଏ ସଂପର୍କରେ କମ୍ପାନିଗୁଡ଼ିକ ୩ଟି ପ୍ରସ୍ତାବ ଦେଇଛନ୍ତି। ସରକାର ସେଥିରୁ ଯେଉଁଟିକୁ ଚୟନ କରିବେ ସେହି ଅନୁସାରେ ନିବେଶ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଭାରତ ଏହାର ମୋଟ ଏଲ୍‌ପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନି କରିଥାଏ। ସେଥିରୁ ୯୦ ପ୍ରତିଶତ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୦୦୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୦୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୪,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୦୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୪,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୧୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୪,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୫୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୦୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୧୦.୪୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୨.୧୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଜନଗହଳି ସ୍ଥାନରେ ଚାଲିଛି ଗ୍ୟାସ୍ କଳାବଜାରୀ

## ଗୋଟିଏ ସ୍ପାର୍କ ହେଲେ ସମ୍ପୂର୍ଣ୍ଣ ଅସ୍ତରଙ୍ଗ ବଜାର ପାଉଁଶ ହୋଇଯିବ

**କାକଟପୁର/ଅସ୍ତରଙ୍ଗ,୩।୭ (ସଂଚାର ବ୍ୟୁରୋ):** ଏହା ବଜାର ନୁହେଁ, ଟାଇମ୍ ବମ୍। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଆଳସାହି, ପୋଟଳ ଛକ, କଣମଣ ଛକ, ଅସ୍ତରଙ୍ଗ ହାଟ ଗଳି ଆଦି ଜନଗହଳି ସ୍ଥାନରେ ଖୋଲାଖୋଲି ଚାଲିଛି ଗ୍ୟାସ କଳାବଜାରୀ। ମାଫିଆମାନେ ବଡ ଗ୍ୟାସ ଟାଙ୍କିରୁ ଗ୍ୟାସ୍ କାଢି ଛୋଟ ଘରୋଇ ସିଲିଣ୍ଡରେ ଲୋଡିଂ କରୁଛନ୍ତି। ଆଉ ସେହି ଗ୍ୟାସ୍ ୩ହଜାର ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଛି। ଗୋଟିଏ ସ୍ପାର୍କ ହେଲେ ସମ୍ପୂର୍ଣ୍ଣ ଅସ୍ତରଙ୍ଗ ବଜାର ପାଉଁଶ ଚିତା ହୋଇଯିବ - କିନ୍ତୁ ଯୋଗାଣ ବିଭାଗ ଧୃତରାଷ୍ଟ୍ର ସାଜି ବସିଛି।



ଖୋଲାରେ ଗ୍ୟାସ୍ ଲିକେଜ୍ ହେଉଛି, ମଣିଷ ଭିଡ ଲାଗିଛି, ପାଖରେ ଚାହା ଦୋକାନରେ ଚୁଲି ଜଳୁଛି। ଗୋଟିଏ ଦୁର୍ଘଟଣା ଘଟିଲେ ଶହ ଶହ ଜୀବନ ଯିବ। ଏତେ ବଡ ବିପଦ ଥାଇ ବି କଳାବଜାରୀ ଦୋକାନ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ପୋଟଳ ଛକରୁ ଆରମ୍ଭ କରି କଣମଣ ଛକ, ଅସ୍ତରଙ୍ଗ ମୁଖ୍ୟ ବଜାର ରୁ ଆଳସାହି ଛକ ପର୍ଯ୍ୟନ୍ତ ପ୍ରତି ମୋଡରେ ଏହି ଅବୈଧ ଗ୍ୟାସ ଡିପୋ ଖୋଲିଲାଣି।

ସବୁଠୁ ଲଜ୍ଜାଜନକ କଥା ହେଉଛି ବାଣିଜ୍ୟିକ ଦୁର୍ନୀତି। ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କି ଗ୍ରାମାଞ୍ଚଳ ରେ ହୋଟେଲ, ଫାଷ୍ଟଫୁଡ୍, ମିଷ୍ଟାନ୍ନ ଭଣ୍ଡାର ରେ ଖୋଲାଖୋଲି ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ହୋଇ ଖାଦ୍ୟ ତିଆରି ହେଉଛି। ସବସିଡି ଲୁଟି ସାଧାରଣ ଲୋକଙ୍କ ପେଟକୁ ହାଣି ଦିଆଯାଉଛି। କିଛି ମାସ ପୂର୍ବେ 'ସଂଚାର' ଏହି ଖବର ପ୍ରକାଶ କରିବା ପରେ ଜିଲ୍ଲା ଯୋଗାଣ ବିଭାଗର ଟିମ୍ ଆସି କେତେ ଗୋଟି ଦୋକାନରେ ଚଢାଉ କରି ଘରୋଇ ଗ୍ୟାସ୍ ଜବତ କରିଥିଲେ। ହୋଟେଲ ମାଲିକଙ୍କୁ ନୋଟିସ୍ ବି ଯାଇଥିଲା। କିନ୍ତୁ ତାହା ପରୁ ଆଜି ପର୍ଯ୍ୟନ୍ତ ସେ ଫାଇଲ୍ ବନ୍ଦ। କାର୍ଯ୍ୟାନୁଷ୍ଠାନ ଶୂନ୍।

ପ୍ରଶାସନର ଢିଲା ନୀତି ପାଇଁ ମାଫିଆମାନଙ୍କ ସାହସ ଆକାଶ ଛୁଇଁଲାଣି। ଯେଉଁଠି ଚଢାଉ ହେଲା, ସେଠି ୨ ଦିନ ପାଇଁ ଦୋକାନ ବନ୍ଦ କଲେ, ପୁଣି ଆଗ ପରି ଚାଲୁଛି। ଲାଞ୍ଚ ଦେଇ ସବୁ ମ୍ୟାନେଜ୍। ଫଳରେ ଘରୋଇ ଗ୍ୟାସ୍ କଳାବଜାରୀ ଏବେ ଅସ୍ତରଙ୍ଗର ଗୋଟିଏ ବଡ ନେଟୱାର୍କ ପାଲଟିଛି।

ସ୍ଥାନୀୟ ଲୋକେ ଭୟରେ କମ୍ପୁଛନ୍ତି। ସେମାନେ କହୁଛନ୍ତି - "ଆମେ ଜୀବନ ହାତରେ ଧରି ବଜାର କରୁଛୁ। ପ୍ରଶାସନ ଶୋଇଛି କି? କେବେ ଜଗିବ?" ଆଗରୁ ଅନ୍ୟ ଅଞ୍ଚଳ ରେ ଗ୍ୟାସ୍ ଲିକେଜ୍ ହୋଇ ଶହ ଶହ ଲୋକ ମରିଛନ୍ତି। ଅସ୍ତରଙ୍ଗରେ ବି ସେହିପରି ଏକ ବଡ ଦୁର୍ଘଟଣା କୁ ଅପେକ୍ଷା କରିଛି।

ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ବିଭାଗ ଓ ଯୋଗାଣ ମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ ଦାବି କରୁଛନ୍ତି ଅଞ୍ଚଳବାସୀ। ସ୍ପେସିଆଲ୍ ଟାସ୍କଫୋର୍ସ ଗଠନ କରି ଅସ୍ତରଙ୍ଗ ମୁଖ୍ୟ ବଜାର, ବିଭିନ୍ନ ହୋଟେଲ, ମିଷ୍ଟାନ ଭଣ୍ଡାର, ଅସ୍ତରଙ୍ଗ ହାଟ ଗଳି,ଆଳସାହି, ପୋଟଳ ଛକ, କଣମଣ ଛକ, ନଗର ଛକ ସମେତ ସମସ୍ତ ଅବୈଧ ଗ୍ୟାସ୍ ଡିପୋ ସିଲ୍ କରାଯାଉ। କଳାବଜାରୀଙ୍କୁ ଗିରଫ କରି କଡା ଆଇନ୍ ଅନୁଯାୟୀ ଦଣ୍ଡ ଦିଆଯାଉ। ହୋଟେଲରେ ଘରୋଇ ଗ୍ୟାସ୍ ବ୍ୟବହାର କରୁଥିବା ଦୋକାନୀଙ୍କ ନାମରେ ମାମଲା ରୁଜୁ ହେବା ସହ ଲାଇସେନ୍ସ ରଦ୍ଦ ହେଉ। ନଚେତ୍ ଅସ୍ତରଙ୍ଗ ବଜାର ଗୋଟିଏ ଦିନ ବମ୍ ବିସ୍ଫୋରଣରେ ଉଡିଯିବ। ପ୍ରଶାସନ କେବେ ଶୁଣିବ ?

# ମୋବାଇଲ ଛଡ଼ାଇ ନେବା ଘଟଣାକୁ ନେଇ କୀଟନାଶକ ପିଇଲା ନାବାଳିକା

**ନୀଳଗିରି,୩।୭ (ସଂଚାର ବ୍ୟୁରୋ):** ମୋବାଇଲ ଫୋନକୁ କେନ୍ଦ୍ର କରି ରାଜ ବରହମପୁର ଥାନା ଅନ୍ତର୍ଗତ ଗୋବପାଳ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ପରିବାର ଲୋକେ ମୋବାଇଲ ଛଡ଼ାଇ ନେବା ପରେ ଜଣେ ୧୫ ବର୍ଷୀୟା ନାବାଳିକା କୀଟନାଶକ ପିଇ ଦେଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।ମୃତ ନାବାଳିକା ହେଲେ ନୀଳଗିରି ବ୍ଲକ କେସିପୁର ପଂଚାୟତ ଗୋବପାଳ ଗ୍ରାମର ଦୁର୍ଗା ନାଏକ ଙ୍କ ଝିଅ ରୁନୁ ନାଏକ (୧୫)। ସୂଚନା ଯୋଗ୍ୟ ଗତ ୨ତାରିଖ ଗୁରୁବାର ସକାଳେ ରୁନୁ ଘରେ ବସି ମୋବାଇଲ ବ୍ୟବହାର କରୁଥିଲା । ଏହି ସମୟରେ ତାଙ୍କ ମା' ଓ ମାମୁଁ ମୋବାଇଲ କୁ ଛଡାଇ ନେବାକୁ ଚେଷ୍ଟା କରିଥିଲେ। ରୁନୁ ବାରମ୍ବାର ମୋବାଇଲ ବ୍ୟବହାର କରୁଥିବାରୁ ତାଙ୍କ ବାପା ମାମୁଁଙ୍କୁ ମୋବାଇଲ ନେଇଯିବାକୁ କହିଥିଲେ।ତେବେ ରୁନୁ ମୋବାଇଲ ନଦେବାରୁ ପରିବାର ଲୋକେ ତାଙ୍କ ଠାରୁ ମୋବାଇଲ ଛଡ଼ାଇ ନେଇ କଚାଡି ଭାଙ୍ଗି ଦେଇଥିଲେ। ଏଥିରେ ରୁନୁ ରାଗିଯାଇ ଘର ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲା। ପରେ ଘରେ ଥିବା କୀଟନାଶକ ବିଷ ପିଇ ଦେଇଥିଲେ।ଘରଭିତରୁ ଚିତ୍କାର ଶୁଣିବା ପରେ ପରିବାର ଲୋକେ କବାଟ ଭାଙ୍ଗି ରୁନୁ ବିଷ ଖାଇଦେଇ ଥିବା ଜାଣିବା ପରେ ତତ କ୍ଷଣାତ ଉଦଳା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା।ଖବର ପାଇ ରାଜ ବରହମପୁର ଥାନା ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଜବତ କରିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର ପ୍ରକୃତ କାରଣ କୁନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଦହିବରା ଗାଡ଼ିକୁ ଧକ୍କା ଦେଲା ଡାଲା ଅଟୋ



**ହିଞ୍ଜିଳିକାଟୁ,୩।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପାର୍ଶ୍ୱର୍ରେ ଜଣେ ବ୍ୟବସାୟୀ ଏକ୍ସଏଲ ଗାଡ଼ିରେ ଦହିବରା ବିକ୍ରି କରୁଥିବା ବେଳେ ଏକ ଡାଲା ଅଟୋ ଧକ୍କା ଦେଇଛି | ଯାହା ଫଳରେ ଦହିବରା ଗାଡି ପଡିଯିବା ସହ ସବୁ ଦହିବରା ଏବଂ କିଛି ସାମ୍ରଗୀ ନଷ୍ଟ ହୋଇଯାଇଛି | ସଂଗେ ସଂଗେ ସ୍ଥାନୀୟ ଲୋକେ ଆସିକି ଦେଖିବା ପରେ କାହାକୁ ବି ମାଡ଼ ହୋଇନଥିବା ନେଇ ଜଣାପଡିଛି | ସବୁ ଦିନ ଭଳି ବ୍ୟବସାୟୀ ଜଣକ ଆଜି ବି ବ୍ୟବସାୟ କରୁଥିବା ବେଳେ ଆସ୍କା ପଟୁ ଯାଉଥିବା ଏକ ଡ଼ାଲା ଅଟୋ ଧକ୍କା ଦେଇଥିଲା।

# ଦେଢ଼ ଘଣ୍ଟା ପରେ ୬ବର୍ଷର ଝିଅକୁ ଉଦ୍ଧାର



**ହିଞ୍ଜିଳିକାଟୁ,୩।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ଗଣପତି ମାର୍ଗର ପ୍ରଥମ ଗଳିରେ ଏକ ୬ ବର୍ଷର ଝିଅ ରାତ୍ର ସମୟରେ ପରିବାର ଲୋକଙ୍କ ସହ ଖାଇ ସାରି ବେଡ଼ରୁମକୁ ଯାଇ ଏସି ଲଗାଇ ଭିତରୁ ପଟୁ କବାଟ ଦେଇ ଶୋଇଥିଲା | କିଛି ସମୟ ପରେ ପରିବାର ଲୋକଙ୍କ କାମ ସରିବା ପରେ ବାରମ୍ବାର କବାଟ ବାଡେଇ ଡାକିବାରୁ ଝିଅ ଜଣକ ଆଉ ଶୁଣିନଥିଲେ | ପ୍ରାୟ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଝିଅ ଜଣକ ଡାକ ଶୁଣି ନଥିବାରୁ ପରିବାର ଲୋକେ ଡରିଯାଇଥିଲେ | ଶେଷରେ ପରିବାର ଲୋକେ ହିଞ୍ଜିଳି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ | ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ତାଙ୍କର ମେସିନ ମାଧ୍ୟମରେ କବାଟକୁ ତାଡ଼ି ବେଡ଼ରୁମରୁ ଝିଅକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା | ଉଦ୍ଧାର ପରେ ୬ ବର୍ଷର ଝିଅ ଜଣକ ଘୋର ନିଦରେ ଖଟରେ ଶୋଇଥିବା ନେଇ ଦେଖିବାକୁ ମିଳିଥିଲା |

# ଡ଼ମ୍ପର ଚଢ଼ିଯିବାରୁ ୩ ସାମ୍ବାଦିକଙ୍କ ସମେତ ୯ ଦୁର୍ଘଟଣାର ଶିକାର

**ବାରିପଦା,୩।୭ (ସଂଚାର ବ୍ୟୁରୋ):** ଖବର ସଂଗ୍ରହ କରିବାକୁ ଯାଇ ତିନି ଜଣ ସାମ୍ବାଦିକ ଆହତ ହୋଇଛନ୍ତି। ଏଥି ସହିତ ଅନ୍ୟ ଛଅ ଜଣ ମଧ୍ୟ ଆହତ ହୋଇଛନ୍ତି । ଏହିଭଳି ଏକ ଦୁଃଖଦ ଘଟଣା ଘଟିଅଛି ବାରିପଦା ସହାରର ଉପକଣ୍ଠ ପାଲବଣି ନିକଟ ଜାତୀୟ ରାଜପଥରେ । ଆଜି ସନ୍ଧ୍ୟାରେ ଏକ କାଠ ବୋଝେଇ ପିକଅପ ଭ୍ୟାନ ପାଲବଣି ଠାରେ ଜାତୀୟ ରାଜପଥରେ ଭରସାମ୍ୟ ହରାଇ ଓଲଟି ପଡିଥିଲା । ତାକୁ ରାସ୍ତାରୁ ଉଠାଉଥିବା ବେଳେ ଏକ ଡ଼ମ୍ପର ପଛରୁ ଆସି ତା ଉପରେ ଚଢିଯାଇଥିଲା । ଖବର ସଂଗ୍ରହ କରିବାକୁ ତିନି ଜଣ ଇଲେକଟ୍ରିକ ମିଡ଼ିଆର ଫୋଟୋ ସାମ୍ବାଦିକ ସେଠାକୁ ଯାଇଥିଲେ । ଏହି ସମୟରେ ସେମାନେ ରାସ୍ତା କଡ଼ରେ ଛିଡା ହୋଇଥିବା ସମୟରେ ସେମାନେ ମଧ୍ୟ ଦୁର୍ଘଟଣା ର ଶୀକାର ହୋଇଛନ୍ତି । ଫଳରେ ଏହି ଦୁର୍ଘଟଣା ରେ ସମୁଦାୟ ନଅ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ଗୁରୁତର ଆହତ ହୋଇଛନ୍ତି । ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଚିକିତ୍ସା ପାଇଁ ପିଆରଏମ ମେଡିକାଲ କୁ ଅଣାଯାଇଅଛି । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଅଛି ।

# ଗୋଛାପଡା ଥାନାରେ ନିଶା ମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ




**ଫୁଲବାଣୀ,୩।୭ (ସଂଚାର ବ୍ୟୁରୋ):** ସାରା ଓଡ଼ିଶାରେ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଥାନା ତରଫରୁ ନିଶା ମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲାର ଗୋଛାପଡା ଥାନା ତରଫରୁ ମଧ୍ୟ ଏହି ନିଶା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ତେଣେ ଗୋଛାପଡା ଥାନା ପରିସରରେ ଥିବା ଶୁଭ୍ରଜିତ ସାମନ୍ତରାୟ ଥାନା ଅଧିକାରୀ ଙ୍କ ଅଧକ୍ଷତାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବହୁ ଯୁବକ ଭଦ୍ରବ୍ୟକ୍ତି ଓ ମାନେ ଉପସ୍ଥିତ ଥିବା ବେଳେ ଅଞ୍ଚଳକୁ କିଭଳି ଭାବରେ ନିଶା ମୁକ୍ତ କରାଯାଇ ପାରିବ ସେନେଇ ଶପଥ ପାଠ କରାଯାଇଥିଲା ପରେ ସସ୍ତଙ୍କୁ ନିଶା ମୁକ୍ତ ଅଭିଯାନ ରେ ସାମିଲ ହୋଇଥିବାରୁ କାର୍ଯ୍ୟକ୍ରମରେ ଥାନାରେ କାର୍ଯ୍ୟରତ ପୋଲିସ ଅଧିକାରୀ ଅନନ୍ତ କୁମାର ପ୍ରଧାନ ଓ ଅଶୋକ କୁମାର ପରିଡା ଓ ଅଜୟ କୁମାର ବଳବତରାୟ ଙ୍କ ସହ ଓ ସମସ୍ତ କର୍ମଚାରୀ, ସମସ୍ତ ଗୃହରକ୍ଷୀମାନେ ଉପସ୍ଥିତ ଥିଲେ।

# ୫ ପୁଲିସ୍ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଫୁଲବାଣୀ,୩।୭ (ସଂଚାର ବ୍ୟୁରୋ):** ସରକାରୀ ଚାକିରିରୁ ଅବସର ଗ୍ରହଣ ଅବସରରେ କନ୍ଧମାଳ ପୋଲିସ ପକ୍ଷରୁ ବିଭାଗର ପାଞ୍ଚଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି ଅବସରପ୍ରାପ୍ତ କର୍ମଚାରୀମାନେ ହେଲେ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଡିଡିପି ତ୍ରିଲୋଚନ ପରିଡ଼ା, ଏଏସଆଇ ଚତୁର୍ଭୁଜ ମଲ୍ଲିକ, ବ୍ୟାଣ୍ଡ ହାବିଲଦାର ପ୍ରଦୀପ କୁମାର ନାୟକ, ସିଆଇ ହାବିଲଦାର ରମା ଚନ୍ଦ୍ର ନାୟକ ଏବଂ କନଷ୍ଟେବଲ

ରାଜେନ୍ଦ୍ର କୁମାର କଁହର ଏହି ଅବସରରେ କନ୍ଧମାଳ ପୋଲିସ ସେମାନଙ୍କ ଦୀର୍ଘ ଦିନର ନିଷ୍ଠାପୂର୍ଣ୍ଣ, ପେସାଦାର ଓ ନିଃସ୍ୱାର୍ଥପର ସେବାକୁ ଉଚ୍ଚ ପ୍ରଶଂସା କରିବା ସହ ପୋଲିସ ବିଭାଗ ପ୍ରତି ସେମାନଙ୍କ ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ଜଣାଇଛି କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ ସେମାନଙ୍କ ଅବସର ଜୀବନ ସୁଖ, ଶାନ୍ତି, ସୁସ୍ଥ ସ୍ୱାସ୍ଥ୍ୟ ଓ ସମୃଦ୍ଧିରେ ପରିପୂର୍ଣ ହେଉ ବୋଲି ଶୁଭେଚ୍ଛା ଜଣାଇଛନ୍ତି ଏହାପାଇଁ କନ୍ଧମାଳ ପୋଲିସ ସଂଘ ଜିଲ୍ଲା ଆରକ୍ଷୀ ଅଧୀକ୍ଷ ଙ୍କୁ ସାଧୁବାଦ ଜଣାଇବା ସହିତ ପ୍ରଶଂସା କରିଛନ୍ତି।

# ଦିନ ଦ୍ୱିପ୍ରହରରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

## ଭଗବାନଙ୍କ ଭରସାରେ ଚାଲୁଛି ପଞ୍ଚାୟତ କାର୍ଯ୍ୟ




**ମାଲକାନଗିରି,୩।୭ (ସଂଚାର ବ୍ୟୁରୋ):** ପଞ୍ଚାୟତ କାର୍ଯ୍ୟାଳୟ ସରକାରୀ କାର୍ଯ୍ୟାଳୟ ହୋଇଥିବାରୁ ସାଧାରଣତଃ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହି ଜନସାଧାରଣଙ୍କୁ ସେବା ଯୋଗାଇବା କଥା। କାର୍ଯ୍ୟାଳୟରେ ଜିଆରଏସ୍, ପିଇଓ, ଆକାଉଣ୍ଟାଣ୍ଟ କିମ୍ବା ଅନ୍ୟ କୌଣସି ଦାୟିତ୍ୱପ୍ରାପ୍ତ କର୍ମଚାରୀଙ୍କ ଉପସ୍ଥିତି ନିଶ୍ଚିତ କରିବା ଆବଶ୍ୟକ ବୋଲି ଚିତ୍ରକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ପ୍ରିତା କୁମାର ଫୋନ୍ ଯୋଗେ ପ୍ରତିକ୍ରିୟା ରଖିଛନ୍ତି।

କିନ୍ତୁ ବାସ୍ତବ ଚିତ୍ର ଭିନ୍ନ ଥିବା ଅଭିଯୋଗ ଆସିଛି। ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ସଡ଼କ କଡ଼ରେ ଅବସ୍ଥିତ ଟନେଲ କ୍ୟାମ୍ପ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଦିନ ପ୍ରାୟ ୧୨ଟା ୩୭ ମିନିଟ୍ ସମୟରେ ଗଣମାଧ୍ୟମ ପ୍ରତିନିଧି ଗସ୍ତ କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ କକ୍ଷରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟାଳୟରେ କୌଣସି କର୍ମଚାରୀ ଉପସ୍ଥିତ ନଥିବାରୁ ସେବା ପାଇଁ ଆସୁଥିବା ସାଧାରଣ ଲୋକ ହଇରାଣ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ଗସ୍ତ ସମୟରେ କୌଣସି ଅଧିକାରୀଙ୍କ ବାହ୍ୟ ଗସ୍ତ ସମ୍ପର୍କିତ ସୂଚନା, କାର୍ଯ୍ୟାଳୟ ବନ୍ଦ ରହିବାର କାରଣ କିମ୍ବା ଜରୁରୀ ଯୋଗାଯୋଗ ନମ୍ବର ସୂଚନା ଫଳକରେ ପ୍ରଦର୍ଶିତ ହୋଇନଥିବା ମଧ୍ୟ ଲକ୍ଷ୍ୟ କରାଯାଇଥିଲା। ଫଳରେ କୌଣସି କର୍ମଚାରୀ କିମ୍ବା ଜନପ୍ରତିନିଧିଙ୍କ ସହ ସିଧାସଳଖ ଯୋଗାଯୋଗ ସମ୍ଭବ ହୋଇନଥିଲା।

ଏ ସମ୍ପର୍କରେ ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାରଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଥିଲେ, ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ ରହିବା କଥା ନୁହେଁ ଏବଂ କୌଣସି ନା କୌଣସି ଦାୟିତ୍ୱପ୍ରାପ୍ତ କର୍ମଚାରୀ ସର୍ବଦା କାର୍ଯ୍ୟାଳୟରେ ଉପସ୍ଥିତ ରହିବା ଆବଶ୍ୟକ।

ମାଲକାନଗିରି ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ବିଜୁଳି, ନେଟୱାର୍କ, ବ୍ଲକ୍ କାର୍ଯ୍ୟାଳୟର କାମ, ବ୍ୟାଙ୍କ କାମ କିମ୍ବା ବୈଠକ ଆଦି କାରଣ ଦର୍ଶାଇ କାର୍ଯ୍ୟାଳୟ ବନ୍ଦ ରହୁଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଏହି ଅଭିଯୋଗର ସତ୍ୟତା ଯାଞ୍ଚ କରିବା ସହ ବିଭିନ୍ନ ପଞ୍ଚାୟତର କାର୍ଯ୍ୟପ୍ରଣାଳୀ ଓ କର୍ମଚାରୀଙ୍କ ଉପସ୍ଥିତି ସମ୍ପର୍କିତ ତଥ୍ୟ ପର୍ଯ୍ୟାୟକ୍ରମେ ସାମ୍ନାକୁ ଆଣିବାକୁ ଗଣମାଧ୍ୟମ ପକ୍ଷରୁ ସୂଚନା ଦିଆଯାଇଛି।

ସରକାରୀ କାର୍ଯ୍ୟାଳୟରେ ନିୟମିତ ଉପସ୍ଥିତି, ସ୍ୱଚ୍ଛତା ଓ ଜନସେବା ନିଶ୍ଚିତ କରିବା ଦିଗରେ ପ୍ରଶାସନ କିପରି ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ଗଞ୍ଜାମ ମହାବିଦ୍ୟାଳୟକୁ ବଡ଼ ସଫଳତା

# ଏକାଥରେ ୮ ଏନ୍‌ସିସି କ୍ୟାଡେଟ୍ ଅଗ୍ନିବୀର ପାଇଁ ମନୋନୀତ




**ଛତ୍ରପୁର,୩।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ମହାବିଦ୍ୟାଳୟର ୮ ଜଣ ଏନ୍‌ସିସି କ୍ୟାଡେଟ୍ ଭାରତୀୟ ସଶସ୍ତ୍ର ବାହିନୀର ଅଗ୍ନିବୀର ଭାବେ ମନୋନୀତ ହୋଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମନୋନୀତ କ୍ୟାଡେଟ୍‌ମାନେ ହେଲେ ପ୍ରେମାନନ୍ଦ ବେହେରା, ଦେବାଶିଷ ବେହେରା, ଦେବାଶିଷ ପ୍ରଧାନ, ଗଣେଶ ମହାପାତ୍ର, ତରୁଣ ଡୋରା, ଟୁକୁନା ରେଡ୍ଡୀ, ଆନନ୍ଦ ନାୟକ ଓ ସମୀର ନାହାକ।

ଏହି ସଫଳତା ଅବସରରେ ଶୁକ୍ରବାର ଗଞ୍ଜାମ ମହାବିଦ୍ୟାଳୟର ଏନ୍‌ସିସି ନୌସେନା ୟୁନିଟ୍ ପକ୍ଷରୁ ମନୋନୀତ କ୍ୟାଡେଟ୍‌ମାନଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ଅଧ୍ୟକ୍ଷା ଡ. ସ୍ମରଣିକା ହୋତା କହିଥିଲେ ଯେ, ଏକାଥରେ ୮ ଜଣ କ୍ୟାଡେଟ୍‌ଙ୍କ ଅଗ୍ନିବୀର ଭାବେ ମନୋନୟନ ମହାବିଦ୍ୟାଳୟ ପାଇଁ ଏକ ଗୌରବମୟ ସଫଳତା। ନିଷ୍ଠା, ଶୃଙ୍ଖଳା ଓ କଠୋର ପରିଶ୍ରମ ଯୋଗୁଁ ସେମାନେ ଏହି ସଫଳତା ହାସଲ କରିପାରିଛନ୍ତି। ସେମାନଙ୍କ କୃତିତ୍ୱ ଅନ୍ୟ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଦେଶସେବା ଓ ଉଚ୍ଚ ଲକ୍ଷ୍ୟ ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରମାନେ ଏନ୍‌ସିସିର ଏଏନ୍‌ଓ ଡ. ଦୁର୍ଗା ପ୍ରସାଦ ଦାଶଙ୍କ ଦୀର୍ଘଦିନର ମାର୍ଗଦର୍ଶନ ଓ ପ୍ରଶିକ୍ଷଣକୁ ନିଜ ସଫଳତାର ପ୍ରମୁଖ କାରଣ ବୋଲି କହିଛନ୍ତି ।

ଗଞ୍ଜାମ ମହାବିଦ୍ୟାଳୟ ଦୀର୍ଘଦିନ ଧରି ଶିକ୍ଷା ସହ ଏନ୍‌ସିସି, କ୍ରୀଡ଼ା ଓ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଆସୁଛି। ଏହାର ଫଳସ୍ୱରୂପ ମହାବିଦ୍ୟାଳୟରୁ ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀ ସୃଷ୍ଟି ହେଉଥିବା ବେଳେ, ଏଥର ଏକାଥରେ ୮ ଜଣ କ୍ୟାଡେଟ୍‌ଙ୍କ ଅଗ୍ନିବୀର ଭାବେ ଚୟନ ମହାବିଦ୍ୟାଳୟ ପାଇଁ ଏକ ଐତିହାସିକ ସଫଳତା ଭାବେ ପରିଗଣିତ ହେଉଛି।

ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ମନୋନୀତ କ୍ୟାଡେଟ୍‌ମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଓ ଗୌରବମୟ ଭବିଷ୍ୟତ କାମନା କରିଛନ୍ତି ।

# ତେନ୍ତୁଳିଖୁଣ୍ଟି ଲ୍ୟାମ୍ପସ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୩।୭ (ସଂଚାର ବ୍ୟୁରୋ):** ଆଜି ତେନ୍ତୁଳିଖୁଣ୍ଟି ସମବାୟ ସମିତି (ଲ୍ୟାମ୍ପସ୍) ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ତେନ୍ତୁଳିଖୁଣ୍ଟି ନିକଟସ୍ଥ ଭଣ୍ଡଗୁଡା ଗ୍ରାମ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ଲ୍ୟାମ୍ପସ୍ ସଭାପତି ଅଖିଳ ଭତ୍ରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ



ରହି ବୃକ୍ଷ ରୋପଣ କରିଥିଲେ । ଆଗାମୀ ଦିନରେ ଏଭଳି ବୃକ୍ଷ ରୋପଣ ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରି ପରିବେଶ ସୁରକ୍ଷାରେ ସାମିଲ ହେବା ପାଇଁ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଆହ୍ୱାନ ଜଣାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଦୁଇଶହରୁ ଉର୍ଦ୍ଧ ଛାୟାଦାୟୀ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ନରେଶ ଚନ୍ଦ୍ର ଦାଶ ଓ ତେନ୍ତୁଳିଖୁଣ୍ଟି ବନଖଣ୍ଡ ଅଧିକାରୀ ଜିତେନ୍ଦ୍ର କୁମାର ସାରକା ସମ୍ପାଦନା କରିଥିଲେ।

# ସୁନ୍ଦରଗଡ଼ରେ ଏସଆଇଆର ପାଇଁ ବିଜେଡିର ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କୁ ପ୍ରଶିକ୍ଷଣ




**ସୁନ୍ଦରଗଡ଼,୩।୭ (ସଂଚାର ବ୍ୟୁରୋ):** ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସାଙ୍ଗଠନିକ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆଜି ସୁନ୍ଦରଗଡ଼ ବିଜେଡି କାର୍ଯ୍ୟାଳୟରେ ବୁଥ୍ ଲେଭେଲ୍ ଏଜେଣ୍ଟ (ବିଏଲଏ)ମାନଙ୍କ ପାଇଁ ଏକ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ବିଜେଡି ନେତା ଜୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱ ଏବଂ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜକିଶୋର ସାହୁ ଏବଂ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ !ପ୍ରଶିକ୍ଷଣରେ ମୁଖ୍ୟଅତିଥି ରାଜକିଶୋର ସାହୁ ଏବଂ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମାନେ ସୂଚନା ଦେଇଥିଲେ ଯେ, ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ୨୦୨୬ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମାପ୍ତ ହୋଇଛି ଏବଂ ସଂଶୋଧିତ ଭୋଟର ତାଲିକା ଆସନ୍ତା ଜୁଲାଇ ୫, ୨୦୨୬ରେ ପ୍ରକାଶ ପାଇବ। ତାଲିକା ପ୍ରକାଶ ପାଇବା ପରେ ପ୍ରତ୍ୟେକ ବିଏଲଏ ନିଜ ନିଜ ବୁଥ୍‌ର ଭୋଟର ତାଲିକାକୁ ଅତି ଯତ୍ନର ସହ ଯାଞ୍ଚ କରିବା ଆବଶ୍ୟକ।

# ବିବି ମଡେଲ ହାଇସ୍କୁଲର ପ୍ରତିଷ୍ଠା ଦିବସ ପାଳିତ

**ଡେରାବିଶ,୩।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀ ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ଗତକାଲି ପାଳିତ ହୋଇଯାଇଛି।

ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସ, ଆରତୀବାଳା ରଥ, ବିଶ୍ୱବିଜୟ ଦାସ, ସନ୍ଧ୍ୟାରାଣୀ ରଥ, କନକଲତା ରାଉତ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ବିଦ୍ୟାଳୟ ପରିସରରେ ଥିବା ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଓ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅଞ୍ଚଳରେ ଉଚ୍ଚଶିକ୍ଷା ପାଇଁ ହାଇସ୍କୁଲଟିଏ ନଥିବାରୁ ବହୁ ମେଧାବୀ ଛାତ୍ର ପାଠପଢ଼ା ଅଧାରୁ ବନ୍ଦ କରି ଦେଉଥିବା ବେଳେ ସେତେବେଳେ ଦୋହଳୀ ସହଯୋଗ



ମଧ୍ୟ ଇଂରାଜୀ ବିଦ୍ୟାଳୟ ନିର୍ମାଣ ନିମନ୍ତେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଗୌରବ ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଦୋହଳୀରେ ଏକ ଉଚ୍ଚବିଦ୍ୟାଳୟର ସ୍ୱପ୍ନ ଦେଖିଥିଲେ। ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ୧୯୪୫ ମସିହା ଜୁଲାଇ ୧ ତାରିଖରେ ଏହିଠାରେ ଦୋହଳୀ ମଡେଲ ହାଇସ୍କୁଲ ପ୍ରତିଷ୍ଠା କରାଇଥିଲେ।

ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟିର ସମ୍ପାଦକ ରହି ଏହି ବିଦ୍ୟାଳୟରେ ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଉତମ ଶିକ୍ଷକ ନିଯୁକ୍ତି କରିଥିଲେ। ଏହି ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସମାଜରେ ପ୍ରତିଷ୍ଠା ଅର୍ଜନ କରି ଆଦର୍ଶ ବିଦ୍ୟାଳୟ ନାମର ସାର୍ଥକତା ଆଣି ପାରିଛନ୍ତି। ପରବର୍ତୀ ସମୟରେ ପଣ୍ଡିତ ବନମାଳୀ ବ୍ରହ୍ମଚାରୀଙ୍କ ପରଲୋକ ପରେ ବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ବନମାଳୀ ବ୍ରହ୍ମାଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ରଖାଯାଇଥିବା ଶିକ୍ଷକମାନେ ତାଙ୍କ ବକ୍ତବ୍ୟରେ କହିଥିଲେ।

# ବାଲିମେଳା ମହୋତ୍ସବ ଉଦ୍‌ଯାପିତ

## ଭାଇଚାରାର ପ୍ରତୀକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ

**ନିଶ୍ଚିନ୍ତକୋଇଲି, ୩।୭ (ସଂଚାର ବ୍ୟୁରୋ):** ଯୁଗେ ଯୁଗେ ମାଳିକାର ସ୍ରଷ୍ଟା ଭାବେ ମହାପୁରୁଷ ଅଚ୍ୟୁତାନନ୍ଦ ସୁବିଦିତ , ଯଦିଓ ଏହା ତାଙ୍କର ଏକମାତ୍ର ପରିଚୟ ନୁହେଁ । ଜଣେ ସିଦ୍ଧ ପୁରୁଷ ଓ ମହାନ ସନ୍ଥ ଭାବରେ ଓଡିଆ ଜାତିରେ ଜନ୍ମଗ୍ରହଣ କରି ସେ ଏ ଜାତିକୁ ଧନ୍ୟ କରିଛନ୍ତି । ସେହି ମହାନ ପୁରୁଷଙ୍କ କୃତିତ୍ୱ ଓ ତାଙ୍କର ସାଧନାପୀଠ ନେମାଳରେ ଦେବସ୍ନାନଯାତ୍ରା ଓ ନିର୍ବିକଳ୍ପ ଶୁନ୍ୟ ସମାଧି ଦିବସ ଉପଲକ୍ଷେ ଆୟୋଜିତ ବାଲି ମେଳା ମହୋତ୍ସବର ଉଦ୍‌ଯାପନି ପର୍ବ ଅବସରରେ ଆଜି ଉପସ୍ଥିତ ବହୁ ସାଧୁସନ୍ଥ ମତବ୍ୟକ୍ତ କରିଛନ୍ତି ।

ବାଲିମେଳା ମହୋତ୍ସବ କମିଟି ଅଧ୍ୟକ୍ଷ ସାମ୍ବାଦିକ ଡଃ ବିନୟ କୁମାର ଦାସଙ୍କ ସଭାପତିତ୍ୱ ଏବଂ କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ରତ୍ନାକର ବାରିକ ଓ ପ୍ରସ୍ କ୍ଲବର ଉପଦେଷ୍ଟା ତଥା ସେବାୟତ ସଂଘର ସଭାପତି କ୍ଷମାନିଧି ପୁଝାରୀଙ୍କ ସଂଯୋଜନାରେ ଆୟୋଜିତ କର୍ଯ୍ୟକ୍ରମରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ସ୍ୱାମୀ ଗୁରୁପାଦ ବ୍ରହ୍ମ ଅବଧୂତ ଶୁକାନ୍ତ ଦାସ ମହାରାଜ ଯୋଗଦେଇଥିବା ବେଳେ ଅତିଥି ଭାବେ ବାୟା ପୁରୀ, ଶିଶୁ ଛବି ହରିଓଁ ବାବା,ଅଭୟାନନ୍ଦ ଗିରୀ,ମହନ୍ତ ଅନନ୍ତ ରାମ ଦାସଜୀ ମହାରାଜ,ସ୍ୱାମୀ



ରାମ ବାବା ମହାରାଜ,ବଶିଂଧର ବାବା,ପଙ୍‌ଚବଟି ମହନ୍ତ ପ୍ରମୋଦ ଦାସଜୀ ମହାରାଜ,ପ୍ରବଚକ ଶୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ଥିଲେ ।

ଏହି ଅବସରରେ କମିଟି ସମ୍ପାଦକ ଅମିତାଭ ମହାପାତ୍ର ବିବରଣି ପାଠ ପଦାନ କରିଥିବା ବେଳେ ଉପସଭାପତି ସାମ୍ବାଦିକ ଗୋବିନ୍ଦ ଦାସ ଅତିଥି ପରିଚୟ ଏବଂ ସମାଜସେବୀକା ସାମ୍ବାଦିକା ପୁଷ୍ପିତା ଦ୍ୱିବେଦୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ହିନ୍ଦୁ ଓ ମୁସଲମାନଙ୍କର ନିଆରା ଭାଇଚାରା ସମ୍ପର୍କ ଅନୁଷ୍ଠିତ ହୋଇଥିବା ମହୋତ୍ସବରେ ଲକ୍ଷାଧିକ ଶ୍ରଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା।

ସୂଚନା ଅନୁଯାଇ ପ୍ରତ୍ୟୁଷରୁ ଦ୍ୱାଦସ ଗୋପାଳ ବୌଷ୍ଣବ ସେବାୟତ ମାନଙ୍କ ଦ୍ୱାରା ଦେବ ନିତୀ ଅନୁସାରେ ପୁଜାଅର୍ଚ୍ଚନା କରାଯାଇଥିଲା । ପରେ ସଂନ୍ଧ୍ୟା ୫ଟା ସମୟରେ ପୀଠ ପରିସରରୁ ଏକ ଶୋଭାଯାତ୍ରାରେ ସମସ୍ତ ସାଧୁସନ୍ଥ ମାନଙ୍କ ସହିତ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତି ମାନେ ଚିତ୍ରୋତ୍ପଳା ବାଲିଶଯ୍ୟରେ ଟ୍ରଷ୍ଟବୋଡ ଓ ନେମାଳ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ଚିତ୍ରୋତ୍ପଳା ନଦୀ ବାଲି ମେଳାକୁ ଯାଇଥିଲେ । ସେଠାରେ ହଜାର ହଜାର ଶ୍ରଧାଳୁ ଭକ୍ତଙ୍କ ଗହଣରେ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ବରିଷ୍ଠ ସେବାୟତ ଶଶୀକାନ୍ତ ପୂଝାରୀ ମାନଙ୍କ ଦ୍ୱାରା ଯଥାରିତି ପୂଜାଅର୍ଚ୍ଚନା ସହିତ ୧୦୮ ପ୍ରଦୀପ ପ୍ରଜ୍ୱଳୀତ କରାଯାଇ ଚିତ୍ରୋତ୍ପଳା ବନ୍ଧାପନା କରାଯାଇଥିଲା। ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ସମୟରୁ ଭାଇଚାରା ସଂମ୍ପର୍କ ସୃଷ୍ଟି ହୋଇଥିବା ଶଖା ଅଚ୍ୟୁତି ଖାଁଙ୍କ ସଂମ୍ପର୍କକୁ ନିବିଡ କରିବା ପାଇଁ ସଂଖ୍ୟାଲଘୁ ସଂପ୍ରଦାୟରଙ୍କୁ ବାଲି ମହୋତ୍ସବର ପ୍ରଥମ ବାଲଭୋଗ ଅର୍ପଣ କରାଯାଇ ସଂମ୍ପର୍କକୁ ଅହୁରି ସୁଦୃଢ଼ କରିବା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଚିତ୍ରୋତ୍ପଳା ନଦୀ ଗର୍ଭ ରାହାସ କିର୍ତ୍ତନ,ଭଜନଜଣାଣ ଓ ମହାପୁରୁଷଙ୍କ ତତ୍ୱ ଆଲୋଚନା ଚକ୍ରରେ ସମଗ୍ର ପରିବେଷ ଉତ୍ସବ ମୁଖର ହୋଇ ପଡିଥିବା ବେଳେ ଓଡିଶା କୋଣ ଅନୁକୋଣରୁ ଆସିଥିବା ଅଚ୍ୟୁତ ପ୍ରେମି ଶ୍ରଧାଳୁ ମାନେ ରହି ଭକ୍ତ ଓ ଭଗବାନଙ୍କର ଦୂର୍ଲ୍ଲଭ ମିଳନ ଏବଂ ହିନ୍ଦୁ ଓ ମୁସଲମାନଙ୍କର ନିଆରା ଭାଇଚାରା ସମ୍ପର୍କକୁ ଅନୁଭବ କରୁଥିଲେ ।

# ରିଲିଜ୍ ହେବା ପୂର୍ବରୁ 'ଆଲ୍ଫା'ର ଧମାକା

ନୂଆଦିଲ୍ଲୀ: ଆଲିଆ ଭଟ୍ଟ ଏବଂ ରଣବୀର ବାଘଙ୍କ ଅଭିନୀତ ସିନେମା ବଡ଼ ପରଦାରେ ରିଲିଜ୍ ହେବାକୁ ଯାଉଛି । ଫିଲ୍ମ ଫ୍ରାଇଡେ ଅଥବା ଆସନ୍ତାକାଲି ରିଲିଜ୍ ହେବାକୁ ଯାଉଛି । ଏହି ଫିଲ୍ମରେ ବବି ଦେଓ୍ବଲ ଖଳନାୟକ ଭୂମିକାରେ ନଜର ଆସୁଥିବାବେଳେ ଅନୀଲ କପୁର ମଧ୍ୟ ଅଭିନୟ କରିଛନ୍ତି । ମଲ୍ଟିଷ୍ଟାରର ପିଲ୍ମଟି ରିଲିଜ୍ ହେବାର ଗୋଟିଏ ଦିନ ପୂର୍ବରୁ ଆଡଭାନ୍ସ ଟିକେଟ ବୁକିଂର ରେକର୍ଡ କରିଛି । କାରଣ ଏହି ଫିଲ୍ମ ହ୍ରିତିକ୍ ରୋଶନ ମଧ୍ୟ କେମିଓ ହେବାକୁ ଯାଉଛନ୍ତି । ଶେଷ ଖବର ସୁଦ୍ଧା ଫିଲ୍ମର ଆଡଭାନ୍ସ ଟିକେଟ୍ ବୁକିଂ ୧.୫୮ କୋଟି ଟଙ୍କାର ରୋଜଗାର କରିଛି । ଯାହାକି ବ୍ଲାକ ସିଟ୍ସ ସହ ହୋଇଛି । ଏଯାବତ ୧୧ ହଜାର ୨୨୫ଟି ଟିକେଟ୍ ବିକ୍ରି ହୋଇସାରିଛି । ଏକ ରିପୋର୍ଟରେ ପ୍ରକାଶିତ ରିପୋର୍ଟକୁ ଯଦି ବିଶ୍ୱାସ କରିବା ତାହେଲେ ଆଡଭାନ୍ସ ଟିକେଟ୍ ବୁକିଂରେ ୪୪.୮୯ ଲକ୍ଷ ଟଙ୍କା ରୋଜଗାର କରିଛି । ଯାହାକି ବ୍ଲାକ୍ ସିଟ୍ସ ବିନା ଆଦାୟ ହୋଇଛି । ଦିଲ୍ଲୀ ଏନସିଆରରେ କେବଳ ୩୫ ଲକ୍ଷ ଏବଂ ମୁମ୍ବାଇରେ ୨୨ ଲକ୍ଷ ଟଙ୍କାର ରୋଜଗାର କରିଛି । ଏବେ ଚର୍ଚ୍ଚା ହେଉଛି କି, ଫିଲ୍ମଟି କଣ ଡବଲ ଡିଜିଟ୍ ରୋଜଗାର କରିପାରିବ କି ? ଆଡଭାନ୍ସ ଟିକେଟ ବୁକିଂରେ ଆଜି ଯଦି ସୁଧାର ଆସେ ତାହେଲେ ଫିଲ୍ମଟି ଅଧିକ ରୋଜଗାର କରିବ । ଯଶ ରାଜ ମୁଭିଜର ଫିଲ୍ମ ହୋଇଥିବାବେଳେ ଟ୍ରେଲରକୁ ବେଶ ଭଲ ପାଇବା ଦେଇଥିଲେ ଦର୍ଶକ । ଆଉ ଏବେ ଫିଲ୍ମ କେତେ ରୋଜଗାର କରୁଛି ଏବଂ ଦର୍ଶକଙ୍କ ମହଲରେ କେତେ ଆଦୃତ ହେଉଛି ଏହା ଉପରେ ରହିଛି ସମସ୍ତଙ୍କ ନଜର । ତେବେ ବ୍ୟବସାୟୀକ ବିଶେଷଜ୍ଞଙ୍କ ମତରେ ଫିଲ୍ମଟି ୪.୫ରୁ ୪.୮ କୋଟି ଟଙ୍କା ରୋଜଗାର କରିପାରେ । ପ୍ରଥମ ଦିନରେ ଫିଲ୍ମଟି ଏହି ରୋଜଗାର କରିପାରିବ ବୋଲି କୁହାଯାଉଛି ।






# ଅମୀର-ଗୌରୀଙ୍କ ବିବାହକୁ ଆସିବେ ୧୫୦ ଅତିଥୀ



ବଲିଉଡର ମିଷ୍ଟର ଫରଫେକ୍ଟନିଷ୍ଟ ଭାବେ ପରିଚିତ ଆମୀର ଖାନ ପୁଣିଥରେ ସାଜିବେ ବର । ତୃତୀୟଥର ପାଇଁ କରିବେ ବିବାହ । ଜୁଲାଇ ୫ ତାରିଖରେ ପ୍ରେମିକା ଗୌରୀଙ୍କୁ କହିବେ ବିବାହ । ତେବେ ଆମୀରଙ୍କ ବିବାହକୁ ନେଇ ଚର୍ଚ୍ଚା ଲାଗିଥିବାବେଳେ କେଉଁମାନଙ୍କୁ ନିମନ୍ତ୍ରଣ କରାଯାଇଛି ? କଣ ସବୁ ବ୍ୟବସ୍ଥା ହେଉଛି ଏ ସମ୍ପର୍କରେ ଜାଣିବା ପାଇଁ ତାଙ୍କ ଫ୍ୟାନ୍ସଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଛି। ଗତ ମାସରେ ଉଭୟ ବିବାହ ତାରିଖ ଘୋଷଣା କରିଥିବାବେଳେ ଏବେ ସେମାନଙ୍କ ବିବାହକୁ ନେଇ ସାମ୍ନାକୁ ଆସିଛି ନୂଆ ତଥ୍ୟ । ଆମୀରଙ୍କ ବାନ୍ଦ୍ରାସ୍ଥିତ ବାସ ଭବନରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି କୁହାଯାଇଛି । ଏହି ବିବାହ ଉତ୍ସବରେ ୧୫୦ ଅତିଥୀ ଯୋଗଦେବେ ଯେଉଁଥିରେ ବହୁ ବିଦେଶୀ ଅତିଥୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏହାସହ ଆମୀରଙ୍କ ପିଲାମାନଙ୍କ ସହ ତାଙ୍କ ପରିବାର ଲୋକେ ମଧ୍ୟ ଉପସ୍ଥିତ ରହିବେ । ଏବେ ଆମୀରଙ୍କ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ଯେଉଁଥିରେ ସେ ବିବହା ସମ୍ପର୍କରେ ପ୍ରକାଶ କରିଥିବା ଦେଖିବାକୁ ମିଳିଛି । ଆମୀର କହିଛନ୍ତି କି, ଏହା ଏକ ଛୋଟ ବିବାହ । ଯାହାକୁ ଆମେ ଆମ ଘରେ ଆୟୋଜନ କରୁଛୁ । ଯେଉଁ କାର୍ଯ୍ୟକ୍ରମରେ ପରିବାର ସଦସ୍ୟଙ୍କ ସହ କିଛି ବିଶେଷ ବନ୍ଧୁ ଯୋଗଦେବେ । ଆମକୁ ସମସ୍ତଙ୍କ ଆଶୀର୍ବାଦ ଆବଶ୍ୟକ । ଦୟାକରି ଆମକୁ ଆଶୀର୍ବାଦ କରନ୍ତୁ । ଆମର ଖୁସି ଏବଂ ଭଲ ଯାତ୍ରା ପାଇଁ ପ୍ରାର୍ଥନା କରନ୍ତୁ । କହି ରଖୁଛୁ କି, ଏହା ଆମୀର ଖାନଙ୍କ ତୃତୀୟ ବିବାହ। ସେ ପ୍ରଥମେ ୧୯୮୬ ମସିହାରେ ରୀନା ଦତ୍ତାଙ୍କୁ ବିବାହ କରିଥିଲେ। ତଥାପି, ୨୦୦୨ ମସିହାରେ ସେମାନଙ୍କର ଛାଡପତ୍ର ହୋଇଥିଲା। ୨୦୦୫ ମସିହାରେ ଆମୀର କିରଣ ରାଓଙ୍କୁ ବିବାହ କରିଥିଲେ, ଯିଏ ୨୦୨୧ ମସିହାରେ ଅଲଗା ହୋଇଯାଇଥିଲେ। ଆମୀର ଉଭୟ ପତ୍ନୀଙ୍କ ସହିତ ଭଲ ବନ୍ଧୁତା ରଖିଛନ୍ତି ।

# ଚୌହାନ'କୁ ନେଇ ବିବାଦ



ଆନାଉନ୍ସମେଣ୍ଟ ପରଠୁ ବିବାଦ ଘେରରେ ଅଜୟ ଦେବଗନଙ୍କ ନୂଆ ଫିଲ୍ମ 'ଚୌହାନ'। ଫିଲ୍ମ ଆସନ୍ତା ବର୍ଷ ଅକ୍ଟୋବରରେ ରିଲିଜ ହେବାକୁ ଥିବା ବେଳେ, ଏହାର ଆନାଉନ୍ସମେଣ୍ଟକୁ ନେଇ ବିବାଦ ଦେଖାଦେଇଛି। ଏହି ଫିଲ୍ମରେ ଅଜୟ ଜଣେ ଆର୍ମି ଅଫିସର ଭୂମିକାରେ ଅଭିନୟ କରିଛନ୍ତି, ଯିଏ କାଶ୍ମୀରରେ ପଥରମାଡ଼ କରୁଥିବା ଲୋକଙ୍କୁ କଡ଼ା ଜବାବ ଦେବାକୁ ଯାଉଛନ୍ତି। ହେଲେ ଫିଲ୍ମର କାହାଣୀକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ଶ୍ରୀନଗରର ସାଂସଦ ଏବଂ ଏକ କ୍ଷତ୍ରିୟ ସଂଗଠନ ଏହାକୁ ନେଇ ଆପତ୍ତି ପ୍ରକାଶ କରିଛନ୍ତି। ବଲିଉଡର **OG** ଆକ୍ସନ ଷ୍ଟାର ଅଜୟ ଦେବଗନଙ୍କ ନୂଆ ଫିଲ୍ମ 'ଚୌହାନ' ଏହାର ଆନାଉନ୍ସମେଣ୍ଟ ପରଠୁ ବିବାଦରେ। ନିକଟରେ ଫିଲ୍ମର ନିର୍ମାତା 'ଚୌହାନ'ର ଏକ ଆନାଉନ୍ସମେଣ୍ଟ ଭିଡିଓ ସେୟାର କରିଛନ୍ତି, । ଯେଉଁଥିରେ ଅଜୟ ଦେବଗନ୍ ଜଣେ ଆର୍ମି ଅଫିସର ଭୂମିକାରେ ନଜର ଆସୁଛନ୍ତି। ଏହି ଅଫିସରଙ୍କ ନାଁ ହିଁ ଚୌହାନ। ଭିଡିଓରେ ବର୍ତ୍ତମାନ ଯୁଗର ଲୋକପ୍ରିୟ ଏବଂ ହିରୋ- ଏଲିଭେସନ ଶୈଳୀର ବ୍ୟବହାର କରାଯାଇଛି। ଯାହା ଅଜୟଙ୍କ ଫ୍ୟାନ୍ସଙ୍କୁ ବେଶ୍ ଉତ୍ସାହିତ କରିଛି। ମାତ୍ର 'ଚୌହାନ'ରେ କାଶ୍ମୀରରେ ପୋଷ୍ଟିଙ୍ଗ୍ ହୋଇଥିବା ଅଜୟଙ୍କ ଆର୍ମି ଅଫିସର ଚରିତ୍ର ଯାହା କରୁଥିବାର ଦେଖାଯାଉଛି। ତାହାକୁ ନେଇ ତୀବ୍ର ବିବାଦ ସୃଷ୍ଟି ହୋଇଛି। କାଶ୍ମୀର ହିଂସାରେ ଭାଗ ନେବାକୁ ପ୍ରସ୍ତୁତ ଚୌହାନ 'ଚୌହାନ'ର ଆନାଉନ୍ସମେଣ୍ଟ ଭିଡିଓର ଆରମ୍ଭ, ମହମ୍ମଦ ଜିଶାନ ଆୟୁବଙ୍କ ଏହି ପ୍ରଶ୍ନରୁ ହେଉଛି ଯେ- "ଛକ ଉପରେ ୩୦୦ ପିଲା ଥିଲେ, ଘରକୁ କେବଳ ୨୭୦ ଜଣ ପହଞ୍ଚିଲେ। ୩୦ ଜଣ ପିଲା କମିଗଲେ।" ଏହାର ଜବାବରେ ଚୌହାନ କହୁଛନ୍ତି,"ଭୁଲ୍ ଆମର ନୁହେଁ, ଅର୍ଡର ଉପରୁ ଆସିଥିଲା।" ଏହା ପରେ ଭିଡିଓରେ ପଥରମାଡ଼ କରୁଥିବା ପିଲାମାନଙ୍କର ଏକ ଭିଡ଼ ଦେଖିବାକୁ ମିଳୁଛି। ଅଜୟଙ୍କ ଚରିତ୍ର ଏହି ଭିଡ଼ର ଜବାବ ଦେବା ପାଇଁ ଲୁହ ବୁହା ଗ୍ୟାସ, ୱାଟର କ୍ୟାନନ (ପାଣି ମାଡ଼) ଏବଂ ପେଲେଟ୍ ଗନ୍କୁ 'ଲିମିଟେଡ୍ ଡ୍ୟାମେଜ୍' (ସୀମିତ କ୍ଷତି) ବୋଲି କହୁଛି। ଆହୁରି ମଧ୍ୟ ପଥରମାଡ଼ର ଜବାବ ଦେବାରେ ସବୁଠାରୁ ସଫଳ ଜିନିଷ କ'ଣ ? ତାହାର ସୂଚନା ଏହି ଟିଜର କିଛି ଏଭଳି ଭାବେ ଦେଉଛି— ଅଜୟଙ୍କ ଚରିତ୍ର ନିଜ ମୁହଁରେ ଏକ 'ଡେଭିଲ୍' (ରାକ୍ଷସ) ମାସ୍କ ପିନ୍ଧି, ଘଣ୍ଟାକୁ ପକେଟରେ ରଖି ଆକ୍ସନ ପାଇଁ ପ୍ରସ୍ତୁତ ହେଉଛି।

ବ୍ୟାକଗ୍ରାଉଣ୍ଡରେ ଅମିତାଭ ବଚ୍ଚନଙ୍କ ଆଇକନିକ ଗୀତ 'ଜୁମ୍ମା ଚୁମ୍ମା' ବାଜୁଛି ଏବଂ ଶେଷରେ ଏକ ଡାଇଲଗ ରହିଛି, "ପଠାନମାନଙ୍କୁ କହିଦିଅ ଚୌହାନ ଆସୁଛି।" ଟିଜର ସମ୍ପୂର୍ଣ୍ଣ ଭାବରେ ଏହି ପଥର ମାଡ଼ କରୁଥିବା ବ୍ୟକ୍ତିଙ୍କୁ ପାନେ ଦେଉଥିବା 'ଚୌହାନ' ଚରିତ୍ରକୁ ଏକ ମାସ ଷ୍ଟାଇଲରେ ସେଲିବ୍ରେଟ୍ କରୁଛି। ଅଜୟଙ୍କ ଫିଲ୍ମର ଆନାଉନ୍ସମେଣ୍ଟ ଭିଡିଓକୁ ନେଇ ଦୁଇଟି କାରଣରୁ ବିବାଦ ଦେଖାଦେଇଛି— କାଶ୍ମୀରର ଚିତ୍ରକୁ ଷ୍ଟେରିଓଟାଇପ୍ (ଏକପାଖିଆ ଭାବେ ଉପସ୍ଥାପନ) କରିବା ଏବଂ ରାଜପୁତ ଇତିହାସକୁ କେବଳ ହିଂସା ସହିତ ଯୋଡ଼ି ଦେଖିବା।

# ଚର୍ଚ୍ଚାରେ ବଲିଉଡ ନାୟିକା ଶ୍ରଦ୍ଧା କପୁରଙ୍କ ପାରିଶ୍ରମିକ

ବିଟାଉନ୍‌ର ଚୁଲବୁଲି ଅଭିନେତ୍ରୀ ଶ୍ରଦ୍ଧା କପୁର। ସେ ତାଙ୍କର ଅପକମିଂ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି । "ସ୍ତ୍ରୀ" ଏବଂ "ସ୍ତ୍ରୀ ୨" ଭଳି ଫିଲ୍ମର ସଫଳତା ପରେ ଶ୍ରଦ୍ଧା ତାଙ୍କର ଫି' ବୃଦ୍ଧି କରିଛନ୍ତି। 'ଈଠା'ରେ ବିଠାବାଇ ନାରାୟଣଗାଓଁକରର ଭୂମିକା ପାଇଁ ସେ କୋଟି କୋଟି ଟଙ୍କା ନେଇଥିବା ଚର୍ଚ୍ଚା ହେଉଛି। ଶ୍ରଦ୍ଧା କପୁର ତାଙ୍କର ଆଗାମୀ ଫିଲ୍ମ 'ଈଠା' ପାଇଁ ତାଙ୍କର ଫିସ୍ ୧୫ କୋଟିକୁ ବୃଦ୍ଧି କରିଛନ୍ତି। ପୂର୍ବରୁ, ସେ "ସ୍ତ୍ରୀ ୨" ପାଇଁ ୫ କୋଟି ଏବଂ "ତୁ ଝୁଠି ମେଁ ମକ୍କର" ପାଇଁ ୭ କୋଟି ପାଇଥିଲେ। ଫିଲ୍ମର ପ୍ରଯୋଜକ ଦିନେଶ ବିଜନ ବି ଏକଥାକୁ ସ୍ୱୀକାର କରିବା ସହ କହିଛନ୍ତି ଯେ ଏହି ଫିଲ୍ମ ଶ୍ରଦ୍ଧାଙ୍କ କ୍ୟାରିଅର ପାଇଁ ଗୁରୁତ୍ୱପୂର୍ଣ୍ଣ।

ଶ୍ରଦ୍ଧା କପୁରଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର 'ଈଠା'କୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ନିକଟରେ ଏହାର ଟିଜର୍ ଆସିଥିଲା, ଯେଉଁଥିରେ ଶ୍ରଦ୍ଧାଙ୍କ ଅବତାର ଓ ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ତେବେ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବା ପୂର୍ବରୁ ବିବାଦୀୟ ହୋଇଯାଇଛି। ମହାରାଷ୍ଟ୍ରର ପ୍ରସିଦ୍ଧ ନୃତ୍ୟଶିଳ୍ପୀ ବିଠାବାଈ ନାରାୟଣଗାଓଁକରଙ୍କ ପରିବାର ଲୋକଙ୍କ ସମେତ ଏନ୍‌ସିପି ଦଳର ନେତାମାନେ ଏହି ଚଳଚ୍ଚିତ୍ରର ଶୀର୍ଷକକୁ ନେଇ ଆପତ୍ତି ପ୍ରକାଶ କରିଛନ୍ତି।ସେମାନଙ୍କର ଅଭିଯୋଗ ହେଲା ଏହି ଚଳଚ୍ଚିତ୍ରଟିକୁ ବିଠାବାଈଙ୍କ ବାୟୋପିକ୍ ଭାବେ ନିର୍ମାଣ କରାଯାଇଥିବା ବେଳେ ଏହାର ଶୀର୍ଷକ'ବିଠା' ଅଥବା 'ବିଠାବାଈ' ରଖିବା ଉଚିତ।

ଉଲ୍ଲେଖଯୋଗ୍ୟ ଯେ, ବିଠାବାଈ ଥିଲେ ଲାବଣୀ ନାମକ ମରାଠୀ ଲୋକନୃତ୍ୟର କିଂବଦନ୍ତୀୟ ନର୍ତ୍ତକୀ। ଲାବଣୀ ସମେତ ତମାସା ଲୋକକଳାକୁ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଉଚିତ ବୋଲି ତାଙ୍କ ଦୁଇ ପୁଅ ଓ ନାତି ଦାବି କରିଛନ୍ତି। 'ଈଠା' ଆସନ୍ତା ଅଗଷ୍ଟ ୨୮ ତାରିଖରେ ମୁକ୍ତି ଲାଭ କରିବ। ଏଥିରେ ଶ୍ରଦ୍ଧାଙ୍କ ସମେତ ରଣଦୀପ ହୁଡ଼ା ଓ ମହମ୍ମଦ ଜୀଶାନ ଆୟୁବ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଦେବେ।

'ଈଠା'କୁ ନେଇ ଚାରିଆଡ଼େ ଚର୍ଚ୍ଚା
ଶ୍ରଦ୍ଧା କପୁରଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର 'ଈଠା'କୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ନିକଟରେ ଏହାର ଟିଜର୍ ଆସିଥିଲା, ଯେଉଁଥିରେ ଶ୍ରଦ୍ଧାଙ୍କ ଅବତାର ଓ ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ତେବେ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବା ପୂର୍ବରୁ ବିବାଦୀୟ ହୋଇଯାଇଛି। ମହାରାଷ୍ଟ୍ରର ପ୍ରସିଦ୍ଧ ନୃତ୍ୟଶିଳ୍ପୀ ବିଠାବାଈ ନାରାୟଣଗାଓଁକରଙ୍କ ପରିବାର ଲୋକଙ୍କ ସମେତ ଏନ୍‌ସିପି ଦଳର ନେତାମାନେ ଏହି ଚଳଚ୍ଚିତ୍ରର ଶୀର୍ଷକକୁ ନେଇ ଆପତ୍ତି ପ୍ରକାଶ କରିଛନ୍ତି। ସେମାନଙ୍କର ଅଭିଯୋଗ ହେଲା ଏହି ଚଳଚ୍ଚିତ୍ରଟିକୁ ବିଠାବାଈଙ୍କ ବାୟୋପିକ୍ ଭାବେ ନିର୍ମାଣ କରାଯାଇଥିବା ବେଳେ ଏହାର ଶୀର୍ଷକ 'ବିଠା' ଅଥବା 'ବିଠାବାଈ' ରଖିବା ଉଚିତ। ଉଲ୍ଲେଖଯୋଗ୍ୟ ଯେ, ବିଠାବାଈ ଥିଲେ ଲାବଣୀ ନାମକ ମରାଠୀ ଲୋକନୃତ୍ୟର କିଂବଦନ୍ତୀୟ ନର୍ତ୍ତକୀ। ଲାବଣୀ ସମେତ ତମାସା ଲୋକକଳାକୁ ତାଙ୍କର ଯଥେଷ୍ଟ ଅବଦାନ ରହିଛି।





